ଧରିତ୍ରୀ
DHARITRI
January 12-18, 2025 ₹ 2/-

# ଛୁଟିଦିନ



# ସ୍ୱାମୀଜୀଙ୍କ ମାର୍ଗରେ

ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ନିଜ କାର୍ଯ୍ୟଧାରାରେ ସାମିଲ କରିବା ସହ ତାଙ୍କ ମାର୍ଗରେ ଯାଇ ବ୍ୟକ୍ତିତ୍ୱ ବିକାଶ ଓ ଉତ୍ତମ ରାଷ୍ଟ୍ରଗଠନରେ ସାମିଲ ହୋଇଥିବା କେତେଜଣ ବ୍ୟକ୍ତି ବିଶେଷ ଓ କିଛି ଅନୁଷ୍ଠାନ ସମ୍ପର୍କରେ...

ପ୍ରଚ୍ଛଦ ପ୍ରସଙ୍ଗ

୩

## ଅଶ୍ୱତ୍ଥ ବୃକ୍ଷର ମାହାତ୍ମ୍ୟ

**ଅଶ୍ୱତ୍ଥ ବୃକ୍ଷ ଏକ ଏୟାର ପ୍ୟୁରିଫାୟାର ପ୍ଲାଣ୍ଟ। ଏହାସହ ବାସ୍ତୁଶାସ୍ତ୍ରରେ ବି ଏହି ଗଛକୁ ନେଇ ଅନେକ କଥା ଉଲ୍ଲେଖ ରହିଛି। ଜ୍ୟୋତିର୍ବିଦ୍‌ମାନେ ମଧ୍ୟ ଏହି ଗଛକୁ ନେଇ ବହୁତ କଥା ଲେଖିଛନ୍ତି। ତେବେ କ'ଣ ଭୂମିକା ରହିଛି ଏହି ଉପକାରୀ ଅଶ୍ୱତ୍ଥ ଗଛର, ଜାଣନ୍ତୁ ସେ ସମ୍ପର୍କରେ...**

* ଅଶ୍ୱତ୍ଥ ବୃକ୍ଷ ହେଉଛି ଏକ ଏୟାର ପ୍ୟୁରିଫାୟାର ପ୍ଲାଣ୍ଟ। ବାୟୁକୁ ଶୋଧନ କରିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ।



* ଅଶ୍ୱତ୍ଥ ବୃକ୍ଷକୁ ପୂଜା କଲେ କୁଆଡ଼େ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ବାସ୍ତୁଶାସ୍ତ୍ରରେ ଏହି ବୃକ୍ଷକୁ ଘରର ପୂର୍ବ ଅଥବା ଉତ୍ତର-ପୂର୍ବ ଦିଗରେ ଲଗାଇବା ଶୁଭ ବୋଲି କୁହାଯାଏ।
* କୁହାଯାଏ, ପ୍ରତିଦିନ ଶୁଦ୍ଧପୂତ ହୋଇ ଅଶ୍ୱତ୍ଥ ବୃକ୍ଷ ମୂଳରେ ବସି କିଛି ସମୟ ପାଇଁ ଧ୍ୟାନ କଲେ ମନ ଶାନ୍ତ ରହିବା ସହ କୁଆଡ଼େ ରିଷ୍ଟ ଖଣ୍ଡନ ହୋଇଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଅଶ୍ୱତ୍ଥ ବୃକ୍ଷ ଲଗାଇଲେ ପୁଣ୍ୟ ପ୍ରାପ୍ତି ହୁଏ ଏବଂ ପିତୃଦୋଷରୁ ମୁକ୍ତି ମିଳେ। ଖାସ୍‌କରି ଧାର୍ମିକ ସ୍ଥାନରେ ଅଶ୍ୱତ୍ଥ ବୃକ୍ଷ ଲଗାଇବା ସବୁଠୁ ଶୁଭ ବୋଲି ବିଶ୍ୱାସ କରାଯାଏ।
* ଯେଉଁ ବ୍ୟକ୍ତିଙ୍କର ଟିକେ ଟିକେ କଥାରେ କାହା ସହ ଝଗଡ଼ା ହୋଇଯାଏ କିମ୍ବା ଯାହାଙ୍କର ଶତ୍ରୁ ସଂଖ୍ୟା ଅଧିକ, ସେମାନେ ଏହି ଅଶ୍ୱତ୍ଥ ବୃକ୍ଷ ମୂଳରେ ବସି ନିୟମିତ କିଛି କିଛି ସମୟ ଶତ୍ରୁଜୟ ମନ୍ତ୍ର ପଢିଲେ ଏହି ସମସ୍ୟା କ୍ରମେ ସୁଧୁରିଯାଏ ବୋଲି ବିଶ୍ୱାସ ରହିଛି।
* ପ୍ରତିଦିନ ଅଶ୍ୱତ୍ଥ ବୃକ୍ଷ ମୂଳରେ ଧୂପ, ଦୀପ ଲଗାଇ ପୂଜା କରିବା ସହ ୭ଥର ବୃକ୍ଷର ପରିକ୍ରମା କଲେ ମନୋସ୍କାମନା ପୂରଣ ହୁଏ ବୋଲି ଲୋକବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୨-୧୮

**ମେଷ**
ସ୍ୱାସ୍ଥ୍ୟ ସମସ୍ୟା, କର୍ମକ୍ଷେତ୍ରରେ ବିବାଦ, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ କଳହ, ପରିବହନରେ ଝଗଡା, ଯାନ ବାହନରେ କ୍ଷତି, ସହକର୍ମୀଙ୍କ ଦୌରାତ୍ମ୍ୟ, ବିଜାତୀୟ ସହ ମିତ୍ରତା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ॥

**ବୃଷ**
ଦୂରଦର୍ଶିତାର ସୁଫଳ, ପାରିବାରିକ ଆଲୋଚନା, ସମସ୍ୟା ସମାଧାନ, ଦୁର୍ବଳ ଆର୍ଥିକସ୍ଥିତି, କାମ ବାଧାପ୍ରାପ୍ତ ହେବ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ଘର ସାଜସଜ୍ଜା, ଆଇନ ସହାୟତା ପ୍ରାପ୍ତି, ପ୍ରତିଯୋଗୀତାରେ ସଫଳତା, ଦୁଃସାହସିକ ପଦକ୍ଷେପ, ନୂତନ ସମ୍ପର୍କ ସୃଷ୍ଟି ॥

**ମିଥୁନ**
କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି, ପରିସ୍ଥିତି ବଦଳିବ, ଗଠନମୂଳକ କାର୍ଯ୍ୟ, ରାଜନୈତିକ ଆଲୋଚନା, ଦୈହିକ ଦୁର୍ବଳତା, ପାରିବାରିକ ସମସ୍ୟା, ପଡୋଶୀଙ୍କ ଆକ୍ଷେପୋକ୍ତି, ଯାନବାହନରେ ତ୍ରୁଟି, ସନ୍ତାନଙ୍କ ବିଶୃଙ୍ଖଳା, କ୍ରନିକରୋଗରେ ପୀଡା ॥

**କର୍କଟ**
ଶାରୀରିକ ଅସୁସ୍ଥତା, କାମ ସ୍ଥଗିତ ରହିଯିବ, ବନ୍ଧୁମାନଙ୍କ ସହଯୋଗ, ଯୋଜନା ବଦଳିଯିବ, ଯାନବାହନ ନବୀକରଣ, ବ୍ୟବସାୟିକ ଉନ୍ନତି, ଲେଖାପଢାରେ ଆଗ୍ରହ, ସତ୍‌ସଙ୍ଗର ସୁଯୋଗ ॥

**ସିଂହ**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ମକଦ୍ଦମାରେ ବିଜୟ, ପ୍ରଶାସନିକ ସଫଳତା, କଳାସାହିତ୍ୟରେ ପ୍ରଶଂସା, ଗୋପନ କଥାର ପ୍ରସାର, ସରଳ ବିଶ୍ୱାସରୁ ସମସ୍ୟା, ନୂତନ ମିତ୍ରତା, ଆର୍ଥିକ ଦୁରବସ୍ଥା, ବ୍ୟବସାୟିକ ଉତ୍କର୍ଷତା ॥

**କନ୍ୟା**
ମାନସିକ ଦ୍ୱନ୍ଦ୍ୱ, ପାରିବାରିକ ଅଶାନ୍ତି, ମନ ଆନ୍ଦୋଳିତ ରହିବ, କର୍ମକ୍ଷେତ୍ରରେ ଅନିଶ୍ଚିତତା, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଧର୍ମାନୁଷ୍ଠାନରେ ସହଯୋଗ, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ, ବସ୍ତ୍ରାଳଙ୍କାରପ୍ରାପ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ତୁଳା**
କର୍ମକ୍ଷେତ୍ରରେ ବିବାଦ, ମାନସିକ ଅସ୍ଥିରତା, ଅସମ୍ପୂର୍ଣ୍ଣ କାମ, ନୂତନବନ୍ଧୁ ସମ୍ପର୍କ, ଗୃହ ମରାମତି, ଯାନବାହନ ନବୀକରଣ, ସନ୍ତାନଙ୍କ ଅଳି, ଋଣଗ୍ରସ୍ତ ହେବେ, ଯାତ୍ରାରେ ପ୍ରତିବନ୍ଧକ, ମଧ୍ୟସ୍ଥତାରେ ପ୍ରଶଂସା ॥

**ବିଛା**
ମାନସିକ ଦ୍ୱନ୍ଦ୍ୱ, ଦୁର୍ଭାବନା ବଢିଚାଲିବ, ରାଜନୈତିକ ଆଲୋଚନା, ସାହିତ୍ୟକୃତିରୁ ପ୍ରଶଂସା, ଆତ୍ମୀୟଙ୍କ ସହଯୋଗ, ଆନୁଷ୍ଠାନିକ କାମରେ ଅଗ୍ରଣୀ, ହିତୈଷୀଙ୍କ ପରାମର୍ଶ, ସତ୍‌ସଙ୍ଗର ସୁଯୋଗ ॥

**ଧନୁ**
ସମସ୍ୟାର ସମାଧାନ, ନୂତନ କର୍ମାରମ୍ଭ, ଭ୍ରାତୃସମ୍ପର୍କରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ଲେଖାପଢାରେ କୁଶଳ, ପାରିବାରିକ ଖର୍ଚ୍ଚ ବୃଦ୍ଧି, ମାନସିକ ସ୍ଥିତି ବିଗିଡିବ, ପରିବହନରେ ବିବାଦ, ମନୋରଞ୍ଜନର ମଉକା ॥

**ମକର**
ଶୁଭ ଖବର ପ୍ରାପ୍ତି, ବନ୍ଧୁଙ୍କ ନିମନ୍ତ୍ରଣ, ଅପ୍ରିୟଭାଷଣରୁ ବିତର୍କ, ଗୃହାରମ୍ଭରେ ସମସ୍ୟା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ରୋଗପୀଡା କମିବ, ପ୍ରତିରୋଧର ସାମନା, ବାଣିଜ୍ୟର ଅଭିବୃଦ୍ଧି, ଯୋଗସାଧନାରେ ରୁଚି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ॥

**କୁମ୍ଭ**
ଶାରୀରିକ ସୁସ୍ଥତାରୁ ଆଶ୍ୱସ୍ତି, ବନ୍ଧୁଙ୍କ ସହାନୁଭୂତି, ବନ୍ଧୁସମ୍ପର୍କରେ ଅଗ୍ରଗତି, ଭ୍ରାତୃସମ୍ପର୍କରେ ନ୍ୟୁନତା, ଯାନବାହନରେ ତ୍ରୁଟି, ସନ୍ତାନଙ୍କ ବିଶୃଙ୍ଖଳା, ଭୁଲ୍ ବୁଝାମଣାରୁ କଳହ, ପ୍ରକାଶନରେ ବିଳମ୍ବ, ନୃତ୍ୟ ସଙ୍ଗୀତରେ ରୁଚି, ନିଯୁକ୍ତି ଖବରପ୍ରାପ୍ତି ॥

**ମୀନ**
ନୂତନ ଯୋଜନାରମ୍ଭ, ବନ୍ଧୁମିଳନରୁ ଖୁସୀ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା, ଘର ସାଜସଜ୍ଜା, ବୈବାହିକ କାର୍ଯ୍ୟାଲୋଚନା, କୃତିକୃତିତ୍ୱରୁ ପ୍ରଶଂସା, କରଜଦାତାଙ୍କ ଚାପବୃଦ୍ଧି, ସ୍ୱାମୀ/ସ୍ତ୍ରୀରେ ମତାନ୍ତର, ଭ୍ରମଣଜନିତ କ୍ଳେଶ, ସହାୟତା ପାଇବେ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ॥

## ଘରେ ଅସରପା ହେଉଥିଲେ...



ଘର ଅପରିଷ୍କାର ରହିଲେ ବିଭିନ୍ନ ପ୍ରକାରର କୀଟପତଙ୍ଗ ସୃଷ୍ଟି ହେବା ସ୍ୱାଭାବିକ କଥା, ଯେମିତିକି ଅସରପା। ଅସରପା ଦେଖିବାକୁ ସିନା ଛୋଟ ଆକାରର ହୋଇଥାଏ; କିନ୍ତୁ ବେଳେବେଳେ ଏମାନଙ୍କ କାର୍ଯ୍ୟକଳାପ ମୁଣ୍ଡ ବିନ୍ଧାର କାରଣ ସାଜେ। କେଉଁଠି ଏମାନେ ପୋଷାକପତ୍ର ଭିତରେ ପଶି ସେଥିରେ ଛୋଟ ଛୋଟ କଣା କରିଦେଲେଣି ତ ଆଉ କେଉଁଠି ଖୋଲାରେ ଥୁଆ ହୋଇଥିବା ଖାଦ୍ୟପଦାର୍ଥରେ ମୁହଁ ମାରି ଦେଲେଣି। ନିତିଦିନ ଏସବୁ ଘଟଣାକୁ ଦେଖି ବିରକ୍ତି ଲାଗିବା ସହ କିପରି ଏମାନଙ୍କୁ ଘରୁ ତଡିବେ ସେ ନେଇ ଯଦି ଚିନ୍ତାରେ ଥାନ୍ତି, ତା'ହେଲେ ଏଠାରେ ଦିଆଯାଇଥିବା ଉପାୟକୁ ଆପଣେଇ ପାରିବେ। *ଘରର ଚାରିଆଡ଼କୁ ଭଲ ଭାବେ ପରିଷ୍କାର କରିବେ। ଖାଦ୍ୟପଦାର୍ଥଗୁଡ଼ିକୁ ଠିକ୍‌ରେ ଷ୍ଟୋର୍ କରିକି ରଖିବେ। * ଘରର ଯଦି କୌଣସି ସ୍ଥାନ ଭଙ୍ଗା କିମ୍ବା ଫଟା ଥାଏ, ଯେଉଁ ବାଟ ଦେଇ ଅସରପା ଯା'ଆସ କରୁଥିବ ତାହାକୁ ଭଲ ଭାବେ ସିଲ୍ କରିଦେବେ। * ଘରର ପ୍ରତି କୋଣରେ ନିମ୍ବ ତେଲ କିମ୍ବା ପୁଦିନା ତେଲ ଟିକେ ଟିକେ ଛିଞ୍ଚିଲେ, ତା'ର କଡ଼ା ବାସ୍ନାରେ ଘରେ ଅସରପା ରୁହନ୍ତି ନାହିଁ ବୋଲି ବିଶ୍ୱାସ କରାଯାଏ। * ଅସରପା ଥଣ୍ଡା, ସନ୍ତସନ୍ତିଆ ସ୍ଥାନରେ ରହିବାକୁ ପସନ୍ଦ କରିଥାନ୍ତି। ତେଣୁ ଘରେ ଯଦି କୌଣସି ପାଇପ୍‌ରୁ ପାଣି ଲିକ୍ କରୁଥାଏ, ତାହାକୁ ତୁରନ୍ତ ଠିକ୍ କରିଦେବା ଆବଶ୍ୟକ। * ଯଦି ଏସବୁ ସମ୍ଭବ ହେଉ ନାହିଁ ତା'ହେଲେ ଅସରପା ମୁକ୍ତି ପାଇଁ ବଜାରରେ ମିଳୁଥିବା ସ୍ପ୍ରେ ର ବି ବ୍ୟବହାର କରିପାରିବେ।

## ପାଠକୀୟ

* ନୂଆବର୍ଷକୁ ନେଇ ସମସ୍ତଙ୍କ ଭିତରେ ଉତ୍ସାହ, ଉଦ୍ଦୀପନା ରହିଥାଏ। ଯେଉଁଥିପାଇଁ ସାରା ବିଶ୍ୱରେ ଏହାକୁ ନେଇ ଅପେକ୍ଷା ରହିବା ସହ ସମସ୍ତେ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି। ତେବେ କିଛି ଦେଶରେ ନୂଆବର୍ଷ ପାଳନକୁ ନେଇ ଅନେକ ଅଜବ ବିଶ୍ୱାସ ଓ ପରମ୍ପରା ରହିଛି; ଯାହା ନିଆରା ହେବା ସହ ଆଶ୍ଚର୍ଯ୍ୟକର ବି ଲାଗିଥାଏ। ତେଣୁ ଏଭଳି କିଛି ମଜାଦାର୍ କଥାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ଏଠି ନୂଆବର୍ଷ' ଶୀର୍ଷକ ପାଠଟି ବେଶ୍ ମନଛୁଆଁ ହୋଇଥିଲା। 'ନୂଆବର୍ଷ କେମିତି ହେବ ସୁଖମୟ', 'ଆତ୍ମବିଶ୍ୱାସ ବଢ଼ାଇବେ କିପରି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ତନୁଜା ସେଠୀ, ଭବାନୀପାଟଣା*

* ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ପ୍ରକାଶ ପାଇଥିବା 'ନିଆରା ଏଠି ନୂଆବର୍ଷ' ଶୀର୍ଷକ ପାଠଟି ଯେମିତି ମନଛୁଆଁ ଥିଲା ସେମିତି ତଥ୍ୟଭିତ୍ତିକ ବି ଥିଲା। 'ଫୁଲ ଉପହାର' ପାଠଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ରଶ୍ମିପ୍ରଭା ଦାସ, ଖଣ୍ଡଗିରି, ଭୁବନେଶ୍ୱର*

* ସୃଜନ ପୃଷ୍ଠାରେ ସ୍ଥାନିତ 'ନୂଆବର୍ଷର ତିନୋଟି ସ୍କେଚ୍' ଶୀର୍ଷକ ଗପଟି ବେଶ୍ ହୃଦୟଛୁଆଁ ହୋଇଥିଲା। ଛୁଟିଦିନରେ ପ୍ରକାଶ ପାଇଥିବା ନୂଆବର୍ଷର କ୍ୟାଲେଣ୍ଡର ପୃଷ୍ଠାଟି ବି ଖୁବ୍ ସୁନ୍ଦର ଥିଲା। କବି, ଲେଖକ ନିରାକାର ଦାସଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା।

*– ପ୍ରୀତି ସୁଲଗ୍ନା ସାହୁ, ମାଲକାନଗିରି*

* ଦେଶୀ ଧାନ ବିହନ ସଂଗ୍ରାହକ ଶଙ୍କର ପ୍ରସାଦ ପଟ୍ଟନାୟକଙ୍କ ଏଭଳି ନିଆରା କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ସତରେ ବେଶ୍ ପ୍ରେରଣାଦାୟକ ଥିଲା। ଶିଳ୍ପୀ ଚକ୍ରଧର ପରିଡ଼ାଙ୍କ କାଠକଣ୍ଢେଇର କାରୁକାର୍ଯ୍ୟକୁ ନେଇ ଉପସ୍ଥାପନା ହୋଇଥିବା ସ୍ୱତନ୍ତ୍ର ଆଲେଖ୍ୟଟି ଖୁବ୍ ସୁନ୍ଦର ଥିଲା। ମଡେଲ୍ ମିରର୍‌ରେ ଧାରାଶ୍ରାବଣୀ ଖୁବ୍ ସୁନ୍ଦରୀ ଲାଗୁଥିଲେ।

*– ଜିନତ୍ ଦାଶ, ଜଗତ୍‌ସିଂହପୁର*

* ବିବିଧା ପୃଷ୍ଠାରେ ସ୍ଥାନିତ 'ଗୁଲାବ ଜାମୁନ୍ ମିଠାର କଥା' ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେହିପରି ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଦେବତା, ଭଗବାନ୍ ଓ ଈଶ୍ୱର' ଶୀର୍ଷକ ପାଠଟି ଯେତିକି ମଜାଦାର୍ ଥିଲା ସେତିକି ଶିକ୍ଷଣୀୟ ବି ହୋଇଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଫୋଲ୍ଡ ହୋଇପାରୁଥିବା ବାଇକ', 'ଟା'କପ୍‌ରେ ବଗିଚା', 'ଡିଭୋର୍ସ ମେହେନ୍ଦୀ' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

*– ସୁନୀଲ ମହାନ୍ତି, ରାୟଗଡ଼ା*

### ବିଶେଷ ଚିଠି




ନିଆରା ଏଠି ନୂଆବର୍ଷକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ବଢ଼ିଆ ଯେମିତି
ବଖାଣୁଥିଲା କାହାଣୀ ବି ସେମିତି।
ଫୁଲ ଉପହାର ପାଠଟି ବି
ଥିଲା ବେଶ୍ ନିଆରା
ତା'ସାଙ୍ଗକୁ ଖୁସି ଆଣି ଦେଉଥିଲା
ତୁମ ହାଃ ହାଃର ମଜାଦାର ଇସାରା।
ସତରେ ହେ ଛୁଟିଦିନ
ତୁମ ଷୋହଳ ପୃଷ୍ଠା ଲାଗେ ସର୍ବଦା ନୂତନ।

*– ଗୋଲକବିହାରୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସ୍ୱାମୀଜୀଙ୍କ ମାର୍ଗରେ





**ଜା**ଗ ଭାରତ ! ଉଠ ! ଜାଗ ! ଲକ୍ଷ୍ୟପ୍ରାପ୍ତି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତ ହୁଅ ନାହିଁ। ନିର୍ଭୀକ ହୁଅ, ସାହସୀ ହୁଅ, ତୁମେ ଜଣେ ଭାରତବାସୀ ବୋଲି ଗର୍ବିତ ହୁଅ ଏବଂ ଗର୍ବର ସହିତ ଘୋଷଣାକର– ମୁଁ ଜଣେ ଭାରତବାସୀ, ପ୍ରତ୍ୟେକ ଭାରତବାସୀ ମୋର ଭାଇ। ଏହା ହେଉଛି ସ୍ୱାମିଜୀଙ୍କର ଅଜସ୍ର ମହତବାଣୀରୁ ଗୋଟିଏ। ତାଙ୍କ ଜନ୍ମଦିବସକୁ ଜାତୀୟ ଯୁବ ଦିବସ ଭାବରେ ପାଳନ କରାଯାଉଥିବାବେଳେ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାକୁ କାର୍ଯ୍ୟରେ ଲଗାଇଛନ୍ତି କିଛି ବ୍ୟକ୍ତି ବିଶେଷ ଓ କିଛି ଅନୁଷ୍ଠାନ।

## ବ୍ୟକ୍ତିତ୍ୱ ବିକାଶ ଓ ରାଷ୍ଟ୍ର ପ୍ରେମର ପ୍ରେରଣା ମିଳୁଛି– ଡ.ଚିତ୍ତରଞ୍ଜନ ନାୟକ ପ୍ରଫେସର, ଅର୍ଥଶାସ୍ତ୍ର, ଉତ୍ତର ପୂର୍ବ ପର୍ବତୀୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ

ମୋ ଜନ୍ମସ୍ଥାନ, ମଞ୍ଜୁରୀରୋଡ, ଭଦ୍ରକ, ଓଡ଼ିଶାରେ । ଆମ ଗାଁରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯେଉଁ ଶାଖାଟି ଥିଲା ତା'ର ନାମ ଥିଲା ବିବେକାନନ୍ଦ ସ୍ୱୟଂ ଶାଖା । ଆମେ ବାଲ୍ ସ୍ୱୟଂ ସେବକମାନେ ଏଥିରେ ଅଧିକ ଥିବାରୁ ବଡ଼ ଭାଇମାନେ ଆମକୁ ମହାପୁରୁଷମାନଙ୍କ ପିଲାଦିନ ବିଷୟରେ କହିଥାନ୍ତି ଏଥିରୁ ଆମକୁ ପ୍ରେରଣା ମିଳୁଥାଏ। ଏହି କ୍ରମରେ ନରେନଙ୍କ କଥା ମଧ୍ୟ ଆମକୁ କେବେକେବେ କୁହାଯାଏ। ତାଙ୍କୁ ପଢ଼ିବାକୁ ଛାଏଁ ମନ ବଳେ । ସ୍ୱାମିଜୀଙ୍କ ଲିଖିତ କେତୋଟି ପୁସ୍ତକ ପଢ଼ିଲା ପରେ, ସମାଜକୁ ପ୍ରାଣ ଦେଇ ଭଲ ପାଇବା ସହ ମାତୃଭୂମିକୁ ଶ୍ରେଷ୍ଠ ସ୍ଥାନରେ ଦେଖିବାକୁ ପ୍ରାଣରେ ଉଦ୍‌ବେଳନ ସୃଷ୍ଟି ହୋଇଥିଲା । ସେହି ଭାବନାରୁ ୧୯୮୯ରେ ନିଜ ଗାଁରେ ଗଢ଼ି ଉଠେ 'ବିବେକାନନ୍ଦ ଯୁବ ସଂସଦ' ଯାହା ସ୍ୱାମିଜୀଙ୍କ ସାର୍ଦ୍ଧଶତୀ ସମାରୋହ ବର୍ଷ ୨୦୧୨ରେ 'ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ' ନାମରେ ଏକ ରାଜ୍ୟସ୍ତରୀୟ ସଂଗଠନ ଗଠନ ହୋଇଥିଲା। ସ୍ୱାମିଜୀଙ୍କ ଚିନ୍ତନ ଓ ମାର୍ଗଦର୍ଶନ ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଆମେ ୭୨୫ରୁ ଅଧିକ ସଦସ୍ୟ ସେବାରତ । ଶୁଭେଚ୍ଛୁମାନଙ୍କ ସଂଖ୍ୟା ସହସ୍ରାଧିକ। ସଂଗଠନଟିକୁ ରାଜନୈତିକ ତଥା ବ୍ୟବସାୟିକ ପ୍ରଲୋଭନରୁ ଦୂରରେ ରଖିବା, ସମାଜ ମନସ୍କ ଶିକ୍ଷିତ, ଅନୁଭବୀ ତଥା ଉତ୍ସାହୀ ବ୍ୟକ୍ତିବିଶେଷଙ୍କ ନେତୃତ୍ୱରେ ଏକ ବ୍ୟାପକ ତଥା ସମାବେଶୀ ସାଙ୍ଗଠନିକ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଆମେ ନିରନ୍ତର ପ୍ରୟାସ କରି ଚାଲିଛୁ। ଲୋକ ସଂସଦ କାର୍ଯ୍ୟରେ ଅଦ୍ୟାବଧି ୬ଟି ପ୍ରମୁଖ ବିଭାଗ ସୃଷ୍ଟି କରାଯାଇ ପ୍ରତି ବିଭାଗର ପରିଚାଳନା ପାଇଁ ଆଜୀବନ ସଦସ୍ୟମାନଙ୍କ ଦ୍ୱାରା ଛଅଟି ଅଙ୍ଗୀଭୂତ ପ୍ରଶାଖା ଗଠନ କରାଯାଇଛି । ଯଥା– ବୌଦ୍ଧିକ ବିକାଶ କ୍ଷେତ୍ରରେ 'ବିଚାରଧାରା', ଯୁବ ବିକାଶ ପାଇଁ 'ବିବେକାନନ୍ଦ ଯୁବ ସଂସଦ', କଳା ଓ ସାଂସ୍କୃତିକ ବିକାଶ ପାଇଁ 'ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ସେବା ଓ ଗ୍ରାମ ବିକାଶ ପାଇଁ 'ମୋ ଗାଁ', ଯୋଗାଯୋଗ ଓ ସମନ୍ୱୟ ପାଇଁ 'ସମ୍ପର୍କ ସେତୁ' ଏବଂ ସାହିତ୍ୟ ଓ ପ୍ରକାଶନୀ ପାଇଁ 'ସାହିତ୍ୟାଲୋକ'। ଏଥିପାଇଁ ଆମେ କୌଣସି ବି କାର୍ଯ୍ୟ ହାତକୁ ନେବା ପୂର୍ବରୁ ତା'ର ସମ୍ପୂର୍ଣ୍ଣ କାର୍ଯ୍ୟପନ୍ଥା ଓ ସତତ କ୍ରିୟାଶୀଳତା ପାଇଁ ପୂର୍ଣ୍ଣ ପ୍ରୟାସ କରିଥାଉ। ଏଥିପାଇଁ ଟିମ୍ ନିର୍ମାଣ କରୁ ଓ ଚୟନ ହୋଇଥିବା ଟିମ୍ ପଛରେ ସମ୍ପୂର୍ଣ୍ଣ ସଂଗଠନର ଅକୁଣ୍ଠ ସମର୍ଥନ ରହେ। ଏହି ବର୍ଷ ଆମର କଳା ବିଭାଗ ତରଫରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୧,୬୫୮ ପ୍ରତିଭାଗୀ ଭାଗ ନେଇଥିଲେ । ମୋ ଗାଁ ତରଫରୁ ୧୦ହଜାରରୁ ଅଧିକ ଚାରା ରୋପଣ କରାଯାଇଛି । ମହାବିଦ୍ୟାଳୟଗୁଡ଼ିକରେ 'ଉଦ୍‌ବୋଧନୀ' ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଯାହା ଆଗକୁ ତ୍ୱରାନ୍ୱିତ ହେବ । କାର୍ଯ୍ୟକର୍ତ୍ତାମାନଙ୍କ ନିଃସ୍ୱାର୍ଥ ସେବା ଭାବ ରହୁ ଓ ପରସ୍ପର ମିଳିମିଶି କାର୍ଯ୍ୟ କରନ୍ତୁ ସେଥିପାଇଁ ପ୍ରତିଦିନ ପ୍ରାତଃ ୫.୩୦ରୁ ୬. ୩୦ 'ଭଗବଦ୍‌ଗୀତା ସହ ଜାଗରଣ' ଆମର ଏକ ପ୍ରଭାବୀ ଅନ୍‌ଲାଇନ କାର୍ଯ୍ୟକ୍ରମ ୪ବର୍ଷ ହେବ ନିରନ୍ତର ଜାରି ରହିଛି । ସନ୍ଧ୍ୟା ୭ରୁ ୮ଟାରେ ୨୦୨୦ରୁ ୩୦ଟି ଜିଲା ଶାଖା ଦ୍ୱାରା ପ୍ରସଙ୍ଗଭିତ୍ତିକ ଆଲୋଚନା ଚକ୍ର ଜାରିରହିଛି । ଏମିତି କାର୍ଯ୍ୟରେ ପ୍ରାୟ ତିନିଦଶନ୍ଧି ଧରି ନିଜକୁ ସାମିଲ କରିଚାଲିଛି। ଏଥିରେ ମୋ ବ୍ୟକ୍ତିତ୍ୱ ବିକାଶ ହେବା ସହିତ ରାଷ୍ଟ୍ର ପ୍ରେମ ପ୍ରତି ପ୍ରେରଣା ମିଳୁଛି।




## ମୋତେ ଈଶ୍ୱରୀୟ ଆନନ୍ଦ ମିଳୁଛି– ସ୍ୱାମୀ ଅମଳାନନ୍ଦ

ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହୋଇ ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ୬ଦଶନ୍ଧି ଧରି ସେ ଘୂରିବୁଲୁଛନ୍ତି ବିଭିନ୍ନ ଗାଁ। କିପରି ଯୁବକମାନଙ୍କ ମଧ୍ୟରେ ସ୍ୱାମିଜୀଙ୍କ ବିଚାରଧାରା ପ୍ରକଟ ହୋଇପାରିବ ସେଥିପାଇଁ ପ୍ରୟାସ କରୁଥାନ୍ତି। ଛାତ୍ରୀଛାତ୍ରମାନେ କିପରି ସୁଚରିତ୍ରବାନ୍ ହେବେ ଓ ରାଷ୍ଟ୍ର ଚେତନା ସେମାନଙ୍କ ମଧ୍ୟରେ କିପରି ଜାଗ୍ରତ ହେବ ସେଥିପାଇଁ ବିଭିନ୍ନ ସ୍କୁଲ କଲେଜରେ ପହଞ୍ଚି ସ୍ୱାମିଜୀଙ୍କ ଜୀବନଦର୍ଶନ କାର୍ଯ୍ୟକ୍ରମ କରିଥାନ୍ତି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ କେଶପାନିଆ ଗାଁର **କୃଷ୍ଣଚନ୍ଦ୍ର ସାହୁ** ଓରଫ **ସ୍ୱାମୀ ଅମଳାନନ୍ଦ** । ସେ କୁହନ୍ତି, 'ସ୍କୁଲ ବୟସରୁ ଗାଁରେ ଜନସେବା ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଉଥିଲି। ପିଲାଦିନେ ସ୍କୁଲରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଶୁଣି ସ୍ୱାମିଜୀଙ୍କ କାର୍ଯ୍ୟ ଧାରାପ୍ରତି ମନବଳାଇଥିଲି। ଏଥିଯୋଗୁ ସେତେବେଳେ ଗାଁରେ କେତେଜଣ ଯୁବକଙ୍କୁ ନେଇ ଶ୍ରୀଜଗନ୍ନାଥ ଯୁବ ସଂଘ ଗଠନ କରିଥିଲୁ। ଏହି ସଂଗଠନ ଦ୍ୱାରା ବିଭିନ୍ନ ଜନସଚେତନତା କାର୍ଯ୍ୟ କରୁଥିଲୁ। କିନ୍ତୁ ଥରେ ଅଖିଳଭାରତ ସ୍ୱାମୀ ବିବେକାନନ୍ଦ ମହାମଣ୍ଡଳ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆମ ଯୁବ ସଂଘ ଯୋଗ ଦେବା ପାଇଁ ଡାକରା ଆସିଥିଲା। ଏଥିପାଇଁ ଭୁବନେଶ୍ୱର ଆସିଥିଲୁ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୪ଟି ଅନୁଷ୍ଠାନ ଯୋଗ ଦେଇଥିଲେ। ସେତେବେଳେ ରାମକୃଷ୍ଣ ମିଶନକୁ ଗଲୁ। ସେହି ସମୟରେ ଜଣେ ସନ୍ନ୍ୟାସୀ ମୋତେ କହିଲେ– ଏଠାରେ ରହି ତୁମେ କିଛି କାମ କରିପାରିବ, ଏଥିରେ ମୁଁ ହଁ କରିଥିଲି। ଆଉ ସେବେଠାରୁ ପଛକୁ ଫେରି ନାହିଁ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ବିଚାର ଧାରାର ପ୍ରଚାର ପ୍ରସାର କରିବାସହ ଛାତ୍ରୀଛାତ୍ରମାନଙ୍କୁ ନୈତିକଶିକ୍ଷା, ସୁଚରିତ୍ର ଗଠନ ପାଇଁ ସଚେତନ କରାଇଥାଏ। ସ୍ୱାମିଜୀଙ୍କ ଜୀବନୀ ପୁସ୍ତକ ବଣ୍ଟନ କରିଥାଏ। ୧୯୮୫ ମସିହାଠାରୁ ସ୍ୱାମୀ ବିବେକାନନ୍ଦ ମିଶନରେ କାର୍ଯ୍ୟ କରୁଛି। ଏଥିରେ ମୋତେ ଈଶ୍ୱରୀୟ ଆନନ୍ଦ ମିଳୁଛି। ମୋତେ ପ୍ରାୟ ୭୮ ବର୍ଷ ହେଲାଣି । ନିଜସ୍ୱ ଉଦ୍ୟମରେ ଗାଁରେ ସତ୍ୟ ଶାନ୍ତି ଯୁବକ ସଂଘ ଗଠନ କରି ସ୍ୱାମିଜୀଙ୍କ ବିଚାର ଧାରାର ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ଯୁବଦିବସ ପାଳନ କରି ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାମିଜୀଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ପାଠଚକ୍ର କରିଥାଏ।

## ସ୍ୱାମିଜୀଙ୍କ ଯୋଗସାଧନାରେ କାର୍ଯ୍ୟ କରୁଛି– ସୁନୀଲ କୁମାର ଦେବତା

କଲେଜରେ ଆୟୋଜିତ ବିଭିନ୍ନ ସେବା ଶିବିରରେ ସେ ଯୋଗ ଦେଉଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା । ଆଉ ସେବେଠାରୁ ସେ ସ୍ୱାମିଜୀଙ୍କ ଆର୍ଦଶ ଓ ବିଚାରଧାରାକୁ ନେଇ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ →


ସ୍ୱାମୀ ଅମଳାନନ୍ଦ






ଇଂ. ସନ୍ତାପ କୁମାର ଜେନା


ଡ.ଚିତ୍ତରଞ୍ଜନ ନାୟକ


ପରମେଶ୍ୱର ଧଳ


କିଶୋର ଚନ୍ଦ୍ର ଜେନା


ସୁନୀଲ ଦେବତା

ହେଉଛନ୍ତି। ସେ ହେଲେ ଯୁବ ଛାତ୍ର **ସୁନୀଲ କୁମାର ଦେବତା**। ଘର କଟକଜିଲା ତିଗିରିଆ ବ୍ଲକର ସାନନାଉପୁଟ ଗାଁରେ। ସେ କୁହନ୍ତି, ' ନିଜର ଓ ସମାଜର କିଛି ସେବା କରିପାରୁଥିବାରୁ ବହୁତ ଖୁସୀ। ଦେବରାୟ କଲେଜରେ ଯୁକ୍ତ ୩ ପଢୁଥିବାବେଳେ ଏକ ସେବାଶିବିରରେ ଯୋଗ ଦେଇଥିଲି। ଏଠାରେ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର, ଭୁବନେଶ୍ୱର ତରଫରୁ ସ୍ୱାମିଜୀଙ୍କ ବାଣୀକୁ ନେଇ ଏକ ପ୍ରତିଯୋଗିତା ହୋଇଥିଲା। ସେଥିରେ ଭାଗ ନେଇ ପୁରସ୍କୃତ ହୋଇଥିଲି। ଆଉ ସେବେଠାରୁ ସେହି ବାଣୀ ମୋତେ ସର୍ବଦା ସମାଜ ସେବା ପାଇଁ ଆହ୍ୱାନ ଦେଇ ଆସିଛି। ୨୦୧୦ ମସିହାରୁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଭୁବନେଶ୍ୱର ଶାଖା ସହ ଜଡ଼ିତ ହୋଇ ବିଭିନ୍ନ ସେବାକାର୍ଯ୍ୟ କରୁଛି। ସ୍ୱାମିଜୀଙ୍କର ଯେଉଁ ବାଣୀ ମୋତେ ବେଶି ଅନୁପ୍ରାଣିତ କରିଥିଲା ତାହା ଥିଲା– 'କେବଳ ସେହିମାନେ ହିଁ ଜୀବିତ ଯିଏ ଅନ୍ୟମାନଙ୍କ ପାଇଁ ବଞ୍ଚନ୍ତି।' ମୁଁ ଆମ ବିଦ୍ୟାଳୟର କେତେଜଣ ସାଙ୍ଗଙ୍କୁ ଏକାଠି କରି ସ୍ୱାମିଜୀଙ୍କ ମନୁଷ୍ୟ ନିର୍ମାଣ ଓ ରାଷ୍ଟ୍ର ପୁନଃଗଠନ ନିମନ୍ତେ କାର୍ଯ୍ୟକ୍ରମ କରୁଛି। ଭବ୍ୟ ଭାରତ ନିର୍ମାଣ ନିମନ୍ତେ ସଂସ୍କାର ବର୍ଗ ଓ ଯୋଗ ବର୍ଗ ଦ୍ୱାରା ପିଲାମାନଙ୍କୁ ଖେଳ ଓ କାହାଣୀ ମାଧ୍ୟମରେ ଗୀତ ଯୋଗ ଅଭ୍ୟାସ ଦ୍ୱାରା ସ୍ୱାମିଜୀଙ୍କ ବିଚାର ଧାରାକୁ ସେମାନଙ୍କ ନିକଟରେ ପହଁଚେଇବାର ପ୍ରୟାସ କରିଆସୁଛି। ଯୋଗାଭ୍ୟାସ ଓ ସ୍ୱାଧ୍ୟାୟ ମାଧ୍ୟମରେ ଯୁବ ଓ ବୟସ୍କମାନଙ୍କୁ ରାଷ୍ଟ୍ର କାର୍ଯ୍ୟ ନିମନ୍ତେ ଏକତ୍ରିତ କରି ସ୍ୱାମିଜୀଙ୍କ ଦେଶଭକ୍ତି ରାଷ୍ଟ୍ର ଓ ବ୍ୟକ୍ତି ନିର୍ମାଣ ପାଇଁ ଉଦ୍ୟମ କରିଥାଏ। ମୋ ସହିତ ମୋର ସାଙ୍ଗ ଆଶୁତୋଷ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରର ବିଭିନ୍ନ ସ୍କୁଲ ଓ କେତେକ କଲେଜରେ ଯାଇ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାର ବର୍ଗ କରି ସଚେତନ କରିଆସୁଛି। ଏଯାଏ ଆମେ ପଟିଆଠାରୁ ଧଉଳି ଯାଏ ଏକାଧିକ ସ୍କୁଲ କଲେଜ ଓ ବସ୍ତିରେ ମଧ୍ୟ ସଂସ୍କାରଶାଳା ଚାଲୁ ରଖିଛୁ। ବ୍ୟକ୍ତିଗତ ଭାବେ ଜଣେ ଯୋଗ ପ୍ରଶିକ୍ଷକ ଓ ଚିକିତ୍ସକ ଭାବେ ମୁଁ କାର୍ଯ୍ୟ କରିଆସୁଛି।

## ସ୍ୱାମିଜୀଙ୍କ ବିଚାରଧାରା ପାଇଁ ସମାଜ ସେବକ ହୋଇଛି

**– ପରମେଶ୍ୱର ଧଳ**

ସ୍କୁଲ ବୟସରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପୁସ୍ତକ ପଢ଼ିଥିଲେ । ସ୍ୱାମିଜୀଙ୍କ ବିଚାରଧାରାପ୍ରତି ମନବଳାଇଥିଲେ । ସେ ହେଲେ ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ **ପରମେଶ୍ୱର ଧଳ** । ସେ କୁହନ୍ତି, 'ମୋ ଘର ଯାଜପୁର ଜିଲାର ବରୀ ବ୍ଲକ ଅଧୀନ ବୋଦୁଅ ଗ୍ରାମରେ। ମୋ ବାପା ବୈଦ୍ୟନାଥ ଧଳ ଥିଲେ ଜଣେ ଆଦର୍ଶ ଶିକ୍ଷକ। ସେ ଜଣେ ଖଦିପ୍ରେମୀ। ମୋ ବୋଉ ଜଣେ ଧର୍ମ ପରାୟଣା ମହିଳା । ସାଧ୍ୟ ମତେ ସେ ଗରିବ ଅସହାୟଙ୍କୁ ସାହାଯ୍ୟ କରିଥା'ନ୍ତି। ବାପାବୋଉଙ୍କ ଏମିତି ସେବାକାର୍ଯ୍ୟ ମୋତେ ଭଲ ଲାଗୁଥିଲା। ସ୍କୁଲ ବୟସରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପଢି ତାଙ୍କ ବିଚାରଧାରା ପ୍ରତି ଅନୁପ୍ରାଣିତ ହୋଇଥିଲି। ସମୟକ୍ରମେ ସୟଦପୁର ବ୍ରଜସୁନ୍ଦର ଉଚ୍ଚଇଂରାଜୀ ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା , କେନ୍ଦୁଝରଗଡ଼ରୁ ସିଟି ତାଲିମ ପାଇ ଶିକ୍ଷକତା କଲି। ପରେ ଏମ୍‌ଏ, ଏମ୍‌ଏଡ୍ କଲି। କେନ୍ଦୁଝର, ଯାଜପୁର, ପୁରୀ, ଖୋର୍ଦ୍ଧା ଆଦି ଜିଲାରେ ଶିକ୍ଷକତା କରୁଥିବାରୁ ଅଧିକାଂଶ ସମୟ ଭୁବନେଶ୍ୱର ଆସିଲେ ରାମକୃଷ୍ଣ ମିଶନକୁ ବୁଲିଯାଇଥାଏ। ସମୟକ୍ରମେ ରାମକୃଷ୍ଣ ମିଶନ ବିଦ୍ୟାଳୟରେ ୧୯୯୭ରୁ ୨୦୦୮ଯାଏ ଶିକ୍ଷକତା କଲି। ଅବସର ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଯୋଗଦେଇ କିଛି କାର୍ଯ୍ୟ କରୁଛି। ଯାହା ମତେ ମାନସିକ ଶାନ୍ତି ଦେଉଛି। ଛାତ୍ର ଜୀବନରୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ସମୟକ୍ରମେ ରାମକୃଷ୍ଣ ମିଶନ ମାଧ୍ୟମରେ ୧୯୯୯ମସିହା ମହାବାତ୍ୟାଠାରୁ ଏଯାଏ ଓଡ଼ିଶାରେ ଘଟିଥିବା ବାତ୍ୟା ଓ ବନ୍ୟା , ଘରପୋଡ଼ି ଆଦି ବିପର୍ଯ୍ୟୟ କାର୍ଯ୍ୟରେ ଅସହାୟଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟରେ ଯାଇଥାଏ। ବିପଦ ସମୟରେ ଅସହାୟ ଓ ପୀଡ଼ିତ ଲୋକଙ୍କ ନିକଟକୁ ଯାଇ ସେବା କାର୍ଯ୍ୟରେ ଯୋଗ ଦେଉଥିବାରୁ ମୋତେ ଅପାର ଶାନ୍ତି ମିଳୁଛି। ପ୍ରତିବର୍ଷ ବର୍ଷା ଋତୁରେ ପ୍ରାୟ ୧ହଜାର ଚାରା ରୋପଣ କରିଥାଉ। ସ୍ୱାମିଜୀଙ୍କ ଜୟନ୍ତୀ ପାଳନ କରିଆସୁଛି। ରାମକୃଷ୍ଣ ସେବା ସଂଘ ବରଗଡ଼ ରାମନାମ ସମିତି, ଅବସରପ୍ରାପ୍ତ କର୍ମଚାରୀ ସଂଘ ଦ୍ୱାରା ବିଭିନ୍ନ ସେବାକାର୍ଯ୍ୟ କରିଆସୁଛୁ।

## ପ୍ରତିବର୍ଷ ସ୍ୱାମିଜୀଙ୍କ ଜୟନ୍ତୀ ପାଳନ କରିଆସୁଛୁ

**–କିଶୋର ଚନ୍ଦ୍ର ଜେନା**

କଲେଜ ପଢୁଥିବାବେଳେ ତାଙ୍କର ସ୍ୱପ୍ନ ଥିଲା ସେ ଗାଁ ପାଇଁ ଓ ଦେଶ ପାଇଁ କିଛି କରିବେ । ସେ ହେଲେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ **କିଶୋର ଚନ୍ଦ୍ର ଜେନା** । ବର୍ତ୍ତମାନ ଆଇନଜୀବି ଭାବେ କାର୍ଯ୍ୟ କରୁଛନ୍ତି। ସେ କୁହନ୍ତି, 'ବ୍ୟାସନଗର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅନର୍ସରେ ଦ୍ୱିତୀୟ ବର୍ଷର ଛାତ୍ର ଥାଏ। ସେତେବେଳେ ବିନାୟକ ସେନାପତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସ୍ୱୟଂ ସେବକ ଓ ପ୍ରଚାରକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସହିତ ମୋର ଭେଟ ହୁଏ। ସେ ମୋତେ ସ୍ୱାମୀ ବିବେକାନନ୍ଦଙ୍କ ୨ଟି ପୁସ୍ତକ ପଢିବାକୁ ଦେଇଥିଲେ। ତା' ପରେ ଧବଳଗିରି ସଂଘ ଶାଖାରେ ଯୋଗ ଦେଇ ସେଠାକାର ଜଣେ ମୁଖ୍ୟ ଶିକ୍ଷକଭାବେ ଦାୟିତ୍ୱ ତୁଲାଇଥିଲି। ଏହାପରେ ମୋତେ କାମାକ୍ଷା ନଗରର ପ୍ରଚାରକଭାବରେ ଯୋଗଦେବାକୁ କୁହାଯାଇଥିଲା। ହେଲେ ସେତେବେଳେ ଆମ ଘରର ଆର୍ଥିକ ସ୍ଥିତି ଭଲ ନ ଥିଲା । ସେଥିପାଇଁ ମୋତେ ବାପା ଭୁବନେଶ୍ୱରରୁ ନେଇଆସିଲେ । ଏଠାରେ ଜଣେ ପିଉସୀପୁଅଙ୍କ ଘରେ ରହି ଏକ ସଂସ୍ଥାରେ ପ୍ରଥମେ ନିର୍ଦ୍ଦେଶକଭାବେ ଯୋଗଦେଲି। ତା' ପରେ ସରକାରୀ ଚାକିରି ପାଇଁ ଲାଗିପଡ଼ିଲି। ଭିପିଏସ୍‌ସିରେ ଦିଲ୍ଲୀରେ ନିଯୁକ୍ତି ପାଇଲି। ସେଠାରେ ରହୁଥିବାବେଳେ ସବୁବେଳେ ଗାଁର ବିକାଶ କଥା ଭାବୁଥାଏ। ତା' ପରେ ଷ୍ଟାଫ୍ ସିଲେକ୍‌ଶନରେ ସବ୍‌ଡିଭିଜନ ସର୍ଭିସରେ ଯୋଗଦେଇଥିଲି। ୧୯୮୯ ମସିହାରେ ମଲିକାପୁର ସାଂସ୍କୃତିକ ସଂସଦରେ ଯୋଗଦେଇଥିଲି। ସେହିବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି ଥିଲା। ଆମ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ତାଙ୍କର ଜୟନ୍ତୀ ପାଳନ ପାଇଁ ସ୍ଥିର କରାଗଲା। । ସେବେଠାରୁ ଆଜି ଯାଏ ପ୍ରାୟ ୩୫ବର୍ଷ ଧରି ସ୍ୱାମିଜୀଙ୍କ ଜୟନ୍ତୀ ପାଳନ କରିଆସୁଛୁ। ସ୍ୱାମିଜୀଙ୍କ ଜୀବନୀ ସମ୍ପର୍କରେ ସ୍କୁଲ କଲେଜ ପିଲାଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷଣୀୟ ପ୍ରତିଯୋଗିତା କରିଆସୁଛୁ। ଜାନୁଆରୀ ୧୨ତାରିଖକୁ ପ୍ରତିବର୍ଷ ଜାତୀୟ ଯୁବଦିବସ ଭାବେ ପାଳନ କରିଥାଉ।

## ସ୍ୱାମିଜୀଙ୍କ ଜୀବନୀ ମୋତେ ଦିଗ୍‌ଦର୍ଶନ ଦେଇଛି–ଇଂ. ସନ୍ତାପ କୁମାର ଜେନା

ଗାଁରେ ପାଠାଗାର ପ୍ରତିଷ୍ଠା, ନିଶାନିବାରଣ, ପରିବେଶ ସୁରକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଶିକ୍ଷିତ ଯୁବକମାନେ କିପରି ଆତ୍ମନିର୍ଭରଶୀଳ ହେବେ, ଗାଁର ସାମଗ୍ରିକ ବିକାଶ କିପରି ହୋଇପାରିବ ସେ ଚିନ୍ତା କରିଥାନ୍ତି। ସେ ହେଲେ **ଇଂ. ସନ୍ତାପ କୁମାର ଜେନା**। ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ି ଗାଁରେ। ସେ କୁହନ୍ତି, 'ବି.ଟେକ୍ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ କରି ଡାକ ତାର ବିଭାଗରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଲି। ପରେ ବିଏସ୍‌ଏନ୍‌ଏଲ୍‌ରେ ସିନିୟର ସବ୍‌ଡିଭିଜନାଲ ଇଞ୍ଜିନିୟର ରୂପେ କାର୍ଯ୍ୟ କଲି। ବ୍ରହ୍ମପୁରରେ ପଢୁଥିବାବେଳେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଏକ ଆଲୋଚନାଚକ୍ର ହେଉଥିଲା । ଏଠାରେ ସ୍ୱାମିଜୀଙ୍କ ମହତ୍‌ବାଣୀ ଶୁଣିଲି। ଏହା ମୋତେ ବହୁତ ପ୍ରଭାବିତ କରିଥିଲା। ସେବେଠାରୁ ସ୍ୱାମିଜୀଙ୍କ ବିଚାରଧାରାକୁ ନେଇ ବିଭିନ୍ନ କାର୍ଯ୍ୟ କରିଆସୁଛି। ସମୟକ୍ରମେ ଭୁବନେଶ୍ୱରରେ ରହୁଥିବା ବେଳେ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର ସହିତ ଜଡ଼ିତ ରହିଲି। ତା' ପରେ କନ୍ୟାକୁମାରୀ ଯାଇଥିଲି। ସେଠାରେ ଅନେକ କିଛି ଶିକ୍ଷା ପାଇଲି । ଏହା ମୋ ଜୀବନ ପଥକୁ ସୁନ୍ଦର କରିବା ସହିତ ଅନ୍ୟମାନଙ୍କ ପାଇଁ ଓ ଦେଶ ସେବାର ମୂଳମନ୍ତ୍ର ପ୍ରତି ମୋତେ ଆହ୍ୱାନ ଦେଲା । ଏମିତିରେ ସ୍ୱାମୀ ବିବେକାନନ୍ଦ ରକ୍ ମେମୋରିଆଲ କନ୍ୟାକୁମାରୀ ଆଧ୍ୟାତ୍ମିକ ସଂଗଠନ ଭୁବନେଶ୍ୱରର ନଗର ପ୍ରମୁଖ ଭାବେ ୨୦୦୪ ଓ ୨୦୦୫ରେ କାର୍ଯ୍ୟ କଲି। ବର୍ତ୍ତମାନ ୨୦୨୨ରୁ ବିଭାଗ ପ୍ରମୁଖ ଭାବେ କାର୍ଯ୍ୟ କରୁଛି। ଏହାଦ୍ୱାରା କୋଷ୍ଟାଲ ଓଡ଼ିଶା ଓ ସେଣ୍ଟ୍ରାଲ ଓଡ଼ିଶାର ପ୍ରାୟ ୧୩ଟି ରେଭିନ୍ୟୁ ଜିଲାର ଦାୟିତ୍ୱ ପାଇଁ କାର୍ଯ୍ୟକରୁଛି। ଭାରତମାତା ପୂଜନ, ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ବିଚାର ପ୍ରକଟ ପାଇଁ ଜାତୀୟ ଯୁବ ଦିବସ, ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରିଆସୁଛୁ। ଏଥିରେ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ, ସୁଶିକ୍ଷା ଲାଭ, ସ୍ୱାଭିମାନ, ରାଷ୍ଟ୍ରଭକ୍ତିର ପ୍ରେରଣା ମିଳୁଛି। ସ୍ୱାମିଜୀଙ୍କ ଜୀବନୀ ମୋ ଜୀବନପଥକୁ ଦିଗ୍‌ଦର୍ଶନ ଦେଇଛି।

**– ବନବିହାରୀ ବେହେରା, ଲୋକନାଥ ମିଶ୍ର**






# ସେବାରେ ମନ

ଯୁବା ବୟସରେ ସାଧାରଣତଃ ଯୁବତୀ ଯୁବକ ଚାହାନ୍ତି ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବାକୁ । ହେଲେ କିଛି ଯୁବତୀ ଯୁବକ ବୁଝିଥାନ୍ତି ଯେ, ଏଇ ବୟସ ମଉଜ ମସ୍ତୀ ପାଇଁ ନୁହେଁ ବରଂ ସମାଜ ପାଇଁ କିଛି କରିବାର ବୟସ । କାରଣ ଦେଶର ଭବିଷ୍ୟତ ଯୁବପିଢିଙ୍କ ହାତରେ। ଏଇ ଯେମିତି ଏହି ଯୁବତୀମାନେ ଖୁବ୍ କମ୍ ବୟସରୁ ହିଁ ସମାଜ ପ୍ରତି ନିଜର କର୍ତ୍ତବ୍ୟକୁ ବୁଝିଛନ୍ତି । ଆଉ କରିଚାଲିଛନ୍ତି ଅନେକ ସେବାମୂଳକ କାର୍ଯ୍ୟ...


ଅଞ୍ଜଳି ଚନ୍ଦ୍ରଶେଖର

**ମୀରା ଶର୍ମା:** କେମୋ ଥେରାପୀ ଯୋଗୁ ସାଧାରଣତଃ କ୍ୟାନ୍ସର ରୋଗୀଙ୍କର କେଶ ଝଡିଯାଏ । ସେମାନଙ୍କୁ ଲଣ୍ଡା ହେବାକୁ ପଡ଼ିଥାଏ । ଶାରୀରିକ କଷ୍ଟ ଦୁର୍ବିସହ ହେଉଥିବାବେଳେ କେଶ ହରାଇବାର ମାନସିକ କଷ୍ଟ ସେମାନଙ୍କ ଜୀବନକୁ ଦୁର୍ବିସହ କରିଦିଏ । ଏହାକୁ ବେଶ୍ ଅନୁଭବ କରିପାରିଥିଲେ ଚେନ୍ନାଇର ମୀରା ଶର୍ମା । ତେଣୁ ପ୍ରଥମେ ସେ ନିଜ କେଶକୁ କ୍ୟାନ୍ସର ପୀଡ଼ିତାଙ୍କ ୱିଗ୍ ତିଆରି ପାଇଁ ଦାନ କରିଥିଲେ । ଏହାପରେ 'ଟାଙ୍ଗଲ୍ଡ' ନାମକ ଏକ ଅନୁଷ୍ଠାନ ଗଢିଲେ । ଉକ୍ତ ଅନୁଷ୍ଠାନ ଗଢିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ୟାନ୍ସର ପୀଡ଼ିତା ମହିଳାଙ୍କୁ ଅର୍ଗାନିକ ୱିଗ ପ୍ରଦାନ କରିବା । ସାଧାରଣତଃ ପ୍ରାକୃତିକ କେଶରେ ତିଆରି ଅର୍ଗାନିକ ୱିଗ ବହୁତ ଦାମୀ, ପ୍ରାୟ ୩୦,୦୦୦ଟଙ୍କା ହୋଇଥାଏ । ଅନ୍ୟପକ୍ଷେ ସିନ୍ଥେଟିକ ୱିଗ୍ ଶସ୍ତା, କିନ୍ତୁ ବହୁତ ଅନକମ୍ଫର୍ଟେବୁଲ ଓ ଲଗାଇଲେ କୁଣ୍ଡାଇହୁଏ । ସେଇଥିପାଇଁ ହିଁ ମୀରା ନିଷ୍ପତ୍ତି ନେଇଥିଲେ ଏହି ସମସ୍ୟାକୁ ଦୂର କରିବା ଲାଗି କିଛି କରିବେ । ଆଉ ସେ ଗ୍ରୀନ ଟ୍ରେଣ୍ଡ ନାମକ ସେଲୁନ୍ ଚେନ୍ ଓ ରାଜ୍ ହେୟାର ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ ସହ ପାର୍ଟନରଶିପ୍ କଲେ । ପ୍ରାକୃତିକ ୱିଗକୁ ୪,୫୦୦ ଟଙ୍କାରେ ତିଆରି କଲେ । ସ୍ପୋନ୍ସରମାନଙ୍କ ଅର୍ଥଦାନରେ ୱିଗ ତିଆରିର ଖର୍ଚ୍ଚ ବହନ କରାଗଲା । ଏହାପରେ ସେ ଏହି ପ୍ରାକୃତିକ କେଶରେ ତିଆରି ୱିଗକୁ ଗରିବ କ୍ୟାନ୍ସର ରୋଗୀଙ୍କୁ ମାଗଣାରେ ପ୍ରଦାନ କଲେ । ଏବେ ସାରା ଭାରତରେ ମୀରାଙ୍କ 'ଟାଙ୍ଗଲ୍ଡ' ଅନୁଷ୍ଠାନ ଦ୍ୱାରା ମାଗଣାରେ କ୍ୟାନ୍ସର ପୀଡ଼ିତାଙ୍କୁ ଅର୍ଗାନିକ ୱିଗ ପ୍ରଦାନ କରାଯାଉଛି, ଯାହାକି ସେମାନଙ୍କ ଭାଙ୍ଗିପଡୁଥିବା ମନୋବଳକୁ ବଢାଇବାରେ ସାହାଯ୍ୟ କରୁଛି ।


ମୀରା ଶର୍ମା

**ଅବନୀ ସିଂ:** ଦିଲ୍ଲୀର ଝିଅ ଅବନୀ 'ଉନ୍ମିଦ' ନାମକ ଏକ ପ୍ରୋଗ୍ରାମ ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ବସ୍ତୀର ମହିଳାଙ୍କୁ ଟ୍ୟାକ୍ସି ଓ ଅଟୋ ରିକ୍ସା ଚଳାଇବାର ତାଲିମ ଦିଆଯାଉଛି । ଅବନୀଙ୍କୁ ଯେତେବେଳେ ମାତ୍ର ୧୭ ବର୍ଷ ବୟସ ହୋଇଥିଲା ସେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରଥମେ ସେ ଗୋଟିଏ ଇଲେକ୍ଟ୍ରିକ ରିକ୍ସାରୁ ଏହି ତାଲିମ କାର୍ଯ୍ୟ ଆରମ୍ଭ କରିଥିଲେ । ଇଲେକ୍ଟ୍ରିକ ରିକ୍ସାଟିକୁ ସ୍ଥାନୀୟ 'ଗ୍ରୀନ ହ୍ୱିଲ' ନାମକ ଅଟୋ ରିକ୍ସା ନିର୍ମାତା ପ୍ରଦାନ କରିଥିଲେ । ପ୍ରଥମେ କୋହିନୁର ନାମ୍ନୀ ମହିଳା ଇ-ରିକ୍ସାର ତାଲିମ ନେଇଥିଲେ । ଏବେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଗରିବ ମହିଳା ଅଟୋ ରିକ୍ସା ଚଳାଇବାର ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ମହିଳାଙ୍କୁ ଇ-ରିକ୍ସା ବି ଯୋଗାଇ ଦିଆଯାଇଛି ।

**ଅଞ୍ଜଳି ଚନ୍ଦ୍ରଶେଖର:** ଚିତ୍ର କରିବା ଓ ସ୍ଥାପତ୍ୟ ଗଢିବାରେ ସଉକ ରଖୁଥିବା ଅଞ୍ଜଳି, ମାତ୍ର ୧୬ ବର୍ଷ ବୟସର ହୋଇଥିବାବେଳେ ନିଜର କଳାକୁ ବିକ୍ରି କରି ପ୍ରାକୃତିକ ବିପର୍ଯ୍ୟୟ, ଉତ୍ପୀଡ଼ନର ଶିକାର ହୋଇଥିବା ଶିଶୁଙ୍କ ସହ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଶିଶୁଙ୍କ ଥଇଥାନ ଆଦି କାର୍ଯ୍ୟ ପାଇଁ ଅର୍ଥ ଜମା କରିବା ଆରମ୍ଭ କରିଥିଲେ । ୨୦୦୮ରେ ସେ ୩ ଲକ୍ଷ ଟଙ୍କା ଜମା କରି ସେହି ଟଙ୍କାରେ ମଧୁମେହରେ ଆକ୍ରାନ୍ତ ଗରିବ ପିଲାଙ୍କୁ ଇନ୍‌ସୁଲିନ୍ ଓ ଔଷଧ ପ୍ରଦାନ କରିଥିଲେ । ସେ ଚିତ୍ରକଳାରେ ଏତେ ନିପୁଣ ଯେ, ୟୁନାଇଟେଡ ନେଶନ୍ସର 'ପୋଷ୍ଟର ଫର୍ ପିସ୍' ପ୍ରତିଯୋଗିତାରେ ତାଙ୍କ ପୋଷ୍ଟର ତୃତୀୟ ସ୍ଥାନ ପାଇଥିଲା । ସେ ନିଜର ଏହି କଳା ମାଧ୍ୟମରେ ଏବେ ବି ସ୍ୱାସ୍ଥ୍ୟ, ମାନବିକତା ଓ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଫଣ୍ଡ ରେଜ୍ କରି ଆସୁଛନ୍ତି ।

**ରାଶି ଆନନ୍ଦ:** ଦିଲ୍ଲୀର ଗରିବ ବସ୍ତୀ ପିଲାଙ୍କୁ ରାସ୍ତାଘାଟରେ ଦେଖି ରାଶି ଆନନ୍ଦ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ମାତ୍ର ୧୮ ବର୍ଷ ବୟସର ହୋଇଥିବାବେଳେ ସେ 'ଲକ୍ଷ୍ୟମ୍' ନାମକ ଏକ ଏନ୍‌ଜିଓ ଗଢିଲେ । ଯାହାର ଉଦ୍ଦେଶ୍ୟ ଥିଲା ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଥିବା ଗଳି କନ୍ଦି ଓ ବସ୍ତୀ ପିଲାଙ୍କ ପାଇଁ କାମ କରିବା । ଏହାପରେ ସେ 'ଟୟ ଲାଇବ୍ରେରୀ' କାର୍ଯ୍ୟକ୍ରମ ଆରମ୍ଭ କଲେ, ଯାହା ମାଧ୍ୟମରେ ସେ ଗରିବ ବସ୍ତୀ ପିଲାଙ୍କୁ ଚିତ୍ର ଥିବା ପୁସ୍ତକ ଓ ଶିକ୍ଷଣୀୟ ଖେଳଣା ପ୍ରଦାନ କଲେ । ଆଜି ସୁଦ୍ଧା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ପିଲାଙ୍କୁ ବହି ଓ ଖେଳଣା ପ୍ରଦାନ କରାଗଲାଣି । ଦେଶର ୧୫ଟି ରାଜ୍ୟରେ ଲକ୍ଷ୍ୟମ୍‌ର ୧୭ଟି ଲାଇବ୍ରେରୀ ଅଛି । ତା'ସହ 'ଲକ୍ଷ୍ୟମ୍' ମାଧ୍ୟମରେ ଦିଲ୍ଲୀର ବସ୍ତୀ ଓ ଗଳିର ପିଲାଙ୍କ ପାଇଁ ଅନେକ ସ୍କୁଲ ବି ଖୋଲା ଯାଇଛି । ରାଶିଙ୍କ ଅନୁଷ୍ଠାନ ବସ୍ତୀ ପିଲାଙ୍କ ପାଇଁ ଫ୍ଲାଏ ଓଭର୍ ତଳେ, ରେଡ ଲାଇଟ୍ ଏରିଆ ଓ ରେଳଷ୍ଟେସନ୍‌ରେ ଅନେକ ୱାର୍କସପ୍ ବି ଆୟୋଜନ କରୁଛି । ଯାହା ମାଧ୍ୟମରେ ଶିକ୍ଷାଦାନ ସହ ଡ୍ରଗ୍ ଆଡିକ୍ସନ ଜନିତ ସତର୍କତା ପ୍ରଦାନ କରାଯାଉଛି । ଏବେ ଝାରଖଣ୍ଡ, ଉତ୍ତରାଖଣ୍ଡ, ତାମିଲନାଡୁ ଓ କର୍ଣାଟକରେ ବି ରାଶି ଏହିସବୁ ସେବା ଯୋଗାଉଛନ୍ତି । ତା'ସହ ଦିଲ୍ଲୀ, ଉତ୍ତରପ୍ରଦେଶ, ଝାରଖଣ୍ଡର ୫୦୦ ମହିଳାଙ୍କୁ ସିଲେଇ ଓ ହସ୍ତକଳାର ତାଲିମ ଦେଇ ସ୍ୱାବଲମ୍ବୀ ବି କରାଇଛନ୍ତି । ତାଙ୍କର 'ବଟରଫ୍ଲାଏ' ପ୍ରୋଗ୍ରାମରେ ଭିକାରୀ ଓ ଜରିଗୋଟାଳି ପିଲାଙ୍କୁ ଶିକ୍ଷାଦାନ କରି ମୁଖ୍ୟସ୍ରୋତକୁ ଆଣିବାକୁ ପ୍ରୟାସ କରାଯାଇଥାଏ ।


-ଶିବାନୀ


ଅବନୀ ସିଂ


ରାଶି ଆନନ୍ଦ

# ପୂର୍ଣ୍ଣତାର ପ୍ରତ୍ୟାଶୀ : ଭବାନୀ ପଟ୍ଟଯୋଷୀ












**ସ**ର୍ଜନର କ୍ଷେତ୍ର ତାଙ୍କର ଅପରିସୀମ। ନିଜ ଭିତରେ ଥିବା ସୃଜନୀ ଶକ୍ତିକୁ ବହୁ କ୍ଷେତ୍ରରେ ବିନିଯୋଗ କରି ସେ ପ୍ରମାଣ କରନ୍ତି ଯେ ସେ ଏକରେ ଅନେକ। କଳାର ବିଭିନ୍ନ କ୍ଷେତ୍ରରେ ସେ ବିଚରଣ କରିପାରନ୍ତି ବେପରୱା ଓ ବେଲଗାମ। ତାଙ୍କ ଅନ୍ତଃସତ୍ତାର ଅନ୍ତର୍ଗତ ଯାତ୍ରା ଜୀବନକୁ ପୂର୍ଣାଙ୍ଗ ରୂପେ ପାଇବା ପାଇଁ ନିବେଦିତ। ପ୍ରତ୍ୟେକ କ୍ଷେତ୍ରରେ ସେ ଯାହା ରଚନ୍ତି ନିଜର ପୁନରାବୃତ୍ତି ପରିବର୍ତ୍ତେ ସେ ସବୁ ପାଲଟିଯାଆନ୍ତି ପରସ୍ପରର ପରିପୂରକ। ତାଙ୍କ ଭିତରର ଅକ୍ଲାନ୍ତ ଶିଶୁଟି ଖେଳିଯିବାକୁ ଚାହେଁ ଦିଗନ୍ତ ପରେ ଦିଗନ୍ତ। ବିବିଧତାର ବର୍ଣ୍ଣିଳ ତାଙ୍କର ସର୍ଜକ ସତ୍ତା ଅଥୟ ଭାବରେ ସନ୍ଧାନ କରିଚାଲେ ଚିରନ୍ତନ ଜୀବନର ଦ୍ୟୁତି । ଏପରି ଜଣେ ବ୍ୟକ୍ତିତ୍ୱ ହେଲେ **ଭବାନୀ ପଟ୍ଟଯୋଷୀ**।

ତାଙ୍କର ଜନ୍ମ ୧୫ ଅଗଷ୍ଟ ୧୯୫୩ରେ ଭବାନୀପାଟଣାଠାରେ। ପିତା ସୁରେନ୍ଦ୍ର କୁମାର ପଟ୍ଟଯୋଷୀ ଓ ମାତା କୃଷ୍ଣପ୍ରିୟା ପଟ୍ଟଯୋଷୀ। ପୈତୃକ ଗ୍ରାମ ଝାରସୁଗୁଡ଼ା ଜିଲାର କୁମ୍ଭାରବନ୍ଧରେ। ସମ୍ପ୍ରତି ରାଲବରୋଡ଼, ବ୍ରହ୍ମପୁରରେ ବାସ କରୁଥିବା ଭବାନୀ ପିବି ଶଙ୍କର, ଭବାଇ ଆଦି ଛଦ୍ମନାମରେ କାର୍ଟୁନ ଆଙ୍କିବା ସହ ନଟଙ୍ଗନିହାଲ ଛଦ୍ମ ନାମରେ ପ୍ରସ୍ତ ମଧ୍ୟ ଲେଖୁଥିଲେ। ମହାବିଦ୍ୟାଳୟରେ ଅଧ୍ୟାପନାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଭବାନୀ ପରେ ପରେ ଚକବନ୍ଦୀ ବିଭାଗରେ କନସଲିଡେଟର ଗ୍ରେଡ୍ ୱାନ ପଦବୀରେ ଥିଲେ। ତା'ପରେ ପୁଣି ଅଧ୍ୟାପନାକୁ ଫେରିଲେ। ଅଧ୍ୟାପକ ଓ ଅଧ୍ୟକ୍ଷ ଭାବରେ ନିଜର କାର୍ଯ୍ୟନିର୍ବାହ କଲେ।

ଏସବୁ ପରେ ବି ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ପାଇଁ ସବୁଜ ସନ୍ୟାସ, ହୁତୁହୁତୁ, ପୂର୍ଣ୍ଣ, ମୁକ୍ତି, ଆସ୍ଥା ଭଳି ଉପନ୍ୟାସ ଏବଂ ଅନ୍ଧ ପଦାତିକ ଭଳି ଗଳ୍ପ ସଂକଳନ ଓଡ଼ିଆ ପାଠକ ସମାଜକୁ ଭେଟି ଦେବା ସହିତ ତାଙ୍କର ଅନେକ ପାଣ୍ଡୁଲିପି ଅପ୍ରକାଶିତ ହୋଇ ସମୟ ଓ ସୁଯୋଗକୁ ଅପେକ୍ଷା କରିଛି। ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଗୀତି କବିତା ଓ କବିତା ଓଡ଼ିଶାର ବିଭିନ୍ନ ପତ୍ରିକା, ଖବର କାଗଜରେ ପ୍ରକାଶିତ। ସାହିତ୍ୟ ପାଇଁ ଶ୍ୱେତପଦ୍ମ ସମ୍ମାନ, ଗଙ୍ଗାଧର ରଥ ଫାଉଣ୍ଡେସନ ଦ୍ୱାରା ୨୦୦୩ରେ ଉପନ୍ୟାସ ''ପୂର୍ଣ୍ଣ'' ପାଇଁ ସୁବ୍ରତ ସ୍ମାରକୀ ପୁରସ୍କାର ପ୍ରାପ୍ତ ମଧ୍ୟ ହୋଇଛନ୍ତି ।



ସାହିତ୍ୟକୁ ବାଦ୍ ଦେଲେ ନାଟକ ପ୍ରତି ଅସମ୍ଭବ ଦୁର୍ବଳତା ଭବାନୀ ପଟ୍ଟଯୋଷୀଙ୍କର। ଷଷ୍ଠ ଶ୍ରେଣୀରୁ ନାଟକରେ ଅଭିନୟ ଆରମ୍ଭ କରିଥିବା ଭବାନୀ ପ୍ରାୟ ଦୁଇ ହଜାର ନାଟକରେ ଅଭିନୟ କରିସାରିଛନ୍ତି । ଦଶମ ଶ୍ରେଣୀରୁ ନାଟକରେ ନିର୍ଦ୍ଦେଶନା ଦେବା ଆରମ୍ଭ କରି ପ୍ରାୟ ଦେଢ଼ ହଜାର ନାଟକରେ ନିର୍ଦ୍ଦେଶକର ଦାୟିତ୍ୱ ନିର୍ବାହ କରିଛନ୍ତି ସେ। ଶତାଧିକ ଏକାଙ୍କିକା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ମଞ୍ଚସ୍ଥ ଓ ପ୍ରଶଂସିତ ତାଙ୍କର। ଓଡ଼ିଶାରେ ପ୍ରଥମ ସଂଳାପବିହୀନ ଏକାଙ୍କିକା ''ସବୁ ସରକାର ଦେଖୁଛନ୍ତି'' ସରକାରୀ କଲେଜ ଭବାନୀପାଟଣା ଦ୍ୱାରା ଡ୍ରିମଫେଷ୍ଟ ଭୁବନେଶ୍ୱରରେ ମଞ୍ଚସ୍ଥ ହୋଇ ତାଙ୍କୁ ଏକ ସଫଳ ନାଟ୍ୟକାରର ମାନ୍ୟତା ପ୍ରଦାନ କରିଥିଲା ।

ଓଡିଶୀ ନୃତ୍ୟ ମାଧ୍ୟମରେ ଏକାଙ୍କିକା – ମାଟି ଓ କଳ୍ପନାର କୋଣାର୍କ ସରକାରୀ ମହିଳା କଲେଜ, ବଲାଙ୍ଗୀରରେ ବାର୍ଷିକ ଉତ୍ସବର ମଞ୍ଚରେ ଲଗାତାର ଭାବରେ ଦୁଇ ବର୍ଷ ପାଇଁ ମଞ୍ଚସ୍ଥ ହୋଇ ତାଙ୍କୁ ନିଆରା ନିର୍ଦ୍ଦେଶକର ମାନ୍ୟତା ଦେଇଥିଲା। ଜଣେ ଚିତ୍ରକର, ଜଣେ କଳାକାର ଭାବରେ ଅଭିନବତ୍ୱରେ ବିଶ୍ୱାସ କରୁଥିବା ଭବାନୀ ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶକ ଭାବେ ମଧ୍ୟ କାମ କରିଛନ୍ତି।୧୯୭୩ ମସିହାରେ ଭବାନୀଙ୍କ ପାଖକୁ ଚିଠି ଆସିଥିଲା କେରଳ, ତ୍ରିଭେନ୍ଦ୍ରମଠାରେ ହୋଇଥିବା ଏକାଙ୍କିକା ପ୍ରତିଯୋଗିତାରେ ଭାଗ ନେବାକୁ। ଯେଉଁଥିରେ ବିଚାରକମଣ୍ଡଳୀରେ ଥିଲେ ତାମିଲ ନାୟିକା ରାଗିଣୀ , ଶ୍ରୀଯୁକ୍ତ ଜର୍ଜ ଜ୍ୟାକବ୍ ଓ ସୁରିନ୍ଦର କପୁର(ଅନିଲ କପୁରଙ୍କ ବାପା)। ତାଙ୍କ ଅଭିନୟ ସେମାନଙ୍କୁ ପ୍ରଭାବିତ କରିଥିଲା ଓ ସୁରିନ୍ଦର କପୁରଙ୍କ ସୁପାରିଶରେ ତାଙ୍କୁ ଷ୍ଟୁଡ଼ିଓରେ ଷ୍ଟାଫ ଆର୍ଟିଷ୍ଟଭାବେ ନିଯୁକ୍ତ କରିବାକୁ ମନସ୍ଥ କରାଯାଇଥିଲା। ମାସିକ ୩୦୦୦ଟଙ୍କା ସହ ରହିବା, ଖାଇବା ବି ବ୍ୟବସ୍ଥା ଥିଲା। ଚିଠିଟି ଆସିଥିଲା ରାଜକପୁରଙ୍କ ପାଖରୁ। କିନ୍ତୁ ଚିଠି ପଢି ତାଙ୍କ ବାପା ରାଗରେ ଖୁବ୍ ପିଟିଥିଲେ।ଯେଉଁ ସମୟରେ କି ତାଙ୍କ ବାପାଙ୍କ ଦରମା ଥିଲା ୨୦୦ ଟଙ୍କା ସେ ବୁଝାଇଥିଲେ ତାଙ୍କ ମା'ଙ୍କୁ। କଲେଜ୍‌ରେ ବି ଏତିକି ସୁବିଧା ପାଉ ନାହାନ୍ତି। ମୋର ଭାଗ୍ୟ ଖୋଲିଗଲା। ହେଲେ ତାଙ୍କ ମା' ବି ଚିଠିକୁ ଚିକ୍ ଚିକ୍ କରି ଚିରି କହିଲେ– ତୁ ମୋର ଗୋଟେ ବୋଲି ପୁଅ। ମୁଁ ଭୋକରେ ପଛେ ମରିବି, ତତେ ବମ୍ବେ ଛାଡ଼ିବାର ନାହିଁ। ଯା, ପୁଅ ତୁ କଲେଜ ଯା। ମନ ଦେଇ ପାଠ ପଢ଼। ବିଏ ପାସ୍ କଲେ ବାପା ତତେ କ୍ଲର୍କ କରିଦେବେ। ତା'ପରେ ସେ ଏମ୍ଏ ପାସ୍ କଲେ ଓ ଅଧକ୍ଷ ହେଲେ। ନିଜ କାମର, କାମକୁ ମିଳିଥିବା ସ୍ୱୀକୃତି ଓ ସମ୍ମାନର ତାଲିକା ମନେ ନାହିଁ ତାଙ୍କର ।

ମଣିଷ ଠାରୁ ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କ ଦୁଃଖ ସହ ନିଜକୁ ଏକାତ୍ମ କରି ସମ୍ବେଦନଶୀଳ ହୋଇ ବଞ୍ଚିଥିବା ଭବାନୀଙ୍କୁ ସବୁକ୍ଷେତ୍ରରେ ସହଯୋଗ କରି ଆସିଛନ୍ତି ପତ୍ନୀ ଆଶାମଞ୍ଜରୀ ନାଏକ।

**–ମାନମୟୀ ରଥ**
–ଅଧ୍ୟକ୍ଷା , ସେଣ୍ଟ ଜାଭିଅର କିଡ୍ସ
ବାଲିପୁଟ, ପୁରୀ, ମୋ: ୭୯୭୮୫୭୯୩୯୯






No watermark and better qual

# ରାଜଧାନୀର ଅପରପାର୍ଶ୍ୱ

– ଓଁକାର ମିଶ୍ର

**ଆତ୍ମହତ୍ୟା:** ବେକରେ ସୁନାଚେନ ଓ ହାତରେ ସୁନାମୁଦି ପିନ୍ଧି ରାତି ୧୦ଟା ପରେ ରସୁଲଗଡ଼ରୁ ଖଣ୍ଡଗିରି ପର୍ଯ୍ୟନ୍ତ ଆସିବା ଏକ ପ୍ରକାର ଆତ୍ମହତ୍ୟା ହିଁ ତ !

**ଅବିଶ୍ୱାସ:** ରାତି ପ୍ରାୟ ୧୧ଟା ପାଖାପାଖି ହେବ ଅଫିସରୁ ସ୍କୁଟିରେ ଫେରୁଥିଲି, ଜଣେ ଅଚିହ୍ନା ଯୁବକଟେ ଚାଲି ଚାଲି ଯାଉଥିବାର ଦେଖିଲି। ଲିଫ୍ଟଦେବାକୁ ଗାଡ଼ି ଅଟକାଇ କିଛି ସମୟ ଭାବିଲି, ଆଉ ସେ ବସିବାକୁ ତା'ଠୁ ଅଧିକ ସମୟ ଭାବିଲେ।

**ପାଶବିକତା:** ସବୁଦିନ ସେଇ ରାସ୍ତାରେ ମୋର ଯା' ଆସ । ଏହି ସମୟରେ ଜଣେ ପାଗେଳି ଉପରେ ନଜର ପଡ଼େ ମୋର । ଧୂଳିମଳି ଦେହରେ ଚିରା କୁଟୁରା ଲୁଗା ଘୋଡ଼ି ହୋଇ ସମାନ ଜାଗାରେ ସବୁବେଳେ ବସିଥାଏ। ଲୁଗା ନୁହେଁ ତ ଖଣ୍ଡେ ଚିରାକନା ସେଇଟା। ଆଜି ବି ରାତିରେ ଆସିବା ବେଳେ ବସିଥିବାର ଦେଖିଥିଲି। ସକାଳୁ ଉଠି ପେପର ଖୋଲି ପଢ଼ିଲା ବେଳକୁ କେହି ତାକୁ ମଧ୍ୟ ଝୁଣି ଖଣ୍ଡିଆଖାବରା କରିପକାଇଛି।

**ସମ୍ପର୍କ:** ଅଜଣା ଗାଡ଼ି ଧକ୍କାରେ ତିନି କୁକୁରଛୁଆଙ୍କ ଅନ୍ତବୁଜୁଳା ବାହାରି ଦୁଇଟା ରାସ୍ତା ଉପରେ ମରିପଡ଼ିଥାନ୍ତି ତ ଆଉ ଗୋଟେ ଖଣ୍ଡେ ଦୂରରେ ଛିଟିକି ପଡ଼ିଥାଏ। ଛୁଆଙ୍କୁ ହରାଇ ମା' କୁକୁର ରାସ୍ତାକଡ଼ରେ ଘଣ୍ଟା ଘଣ୍ଟା ବାହୁନି କାନ୍ଦୁଥିଲା। ଅନ୍ୟପଟେ ସାମାନ୍ୟ ଟଙ୍କା ପାଇଁ ପୁଅ ନିଜ ମାଆକୁ ପିଟି ପିଟି ମାରିଦେଇଥିଲା।

**ମାୟାଜାଲ:** ଆଖିରେ ଆଖିଏ ସ୍ୱପ୍ନ ନେଇ ଗୌରୀ ଭୁବନେଶ୍ୱର ଆସିଥିଲା ହିରୋଇନ ହେବାକୁ। ପ୍ରାୟ ଦୁଇରୁ ତିନି ବର୍ଷ ୟା' ପାଖରୁ ତା' ପାଖ ଦୌଡ଼ି ଦୌଡ଼ି ସିରିଏଲରେ ଛୋଟ ଭୂମିକାଟେ ପାଇଥିଲା। ଝିଅକୁ ଟିଭିରେ ଦେଖି ବିଲରୁ ଫେରୁଥିବା ମା, ବାପାଙ୍କ ଦୁଃଖ, କଷ୍ଟ ସବୁ ଖୁସିରେ ବଦଳି ଯାଉଥିଲା। ଦିନେ ଟିଭିରେ ଆସୁଥିବା ଝିଅର ଭିଡିଓ ହଠାତ୍ ଆଜି ଗାଁ ଟୋକାଙ୍କ ମୋବାଇଲରେ ଘୂରି ବୁଲୁଥିଲା। ସେପଟେ ରାଜଧାନୀରେ ଗୌରୀ ଝୁଲୁଥିଲା ହଷ୍ଟେଲ ପଙ୍ଖାରେ, ଏପଟେ ବିଲରେ ବିଷ ପିଇ ବାପା ମା' ଶୋଇଥିଲେ ନିଘୋଡ଼ ନିଦରେ ।

**ଭୁଲ୍ :** ସକାଳୁ ବୁଢ଼ୀବୁଢ଼ା ଦୁଇଜଣଙ୍କୁ ଖାକି ପୋଷାକ ଘୋଷାଡ଼ି ଘୋଷାଡ଼ି ଥାନାକୁ ଆଣିଛି। ବେଳ ବୁଡ଼ିବାକୁ ବସିଲାଣି, ବୁଢ଼ା ବାପର ଇନସୁ୍ୟଲିନ ନେବା ସମୟ ଗଡ଼ି ଗଲାଣି, ବୁଢ଼ୀ ମା' ଆଖିରୁ ଲୁହ ବନ୍ଦ ହେଉନି। ନେହୁରା ଶୁଣିବା ତ ଦୂର କଥା ଖାକିବାବୁ ଗୋଡ଼ରେ ଆଡ଼େଇ ଦେଇ ପଳାଉଛନ୍ତି। ବୁଢ଼ୀବୁଢ଼ା ଦୁଇଜଣ ଏମିତି କ'ଣ କରିପକାଇଛନ୍ତି ପଚାରିଲା ବେଳକୁ!! ପୁଅ ଜନ୍ମକରି ଭୁଲ୍ କରିଦେଇଛୁ ବୋଲି କାନ୍ଦି କହିଥିଲେ।
(ପତିଆରା ଦେଖାଇବାକୁ ପୁଅ ପାଦ ଦେଇଛି ଗ୍ୟାଙ୍ଗରେ)

**ପ୍ରେମ:** ଅଫିସ ଛୁଟି ଥାଏ, ଭାବିଲି ଆଜି ପାର୍କ ଆଡ଼େ ବୁଲି ଆସିବି ମନ ହାଲ୍‌କା ଲାଗିବ। ପାଖ ପାର୍କକୁ ପଶୁ ପଶୁ ଡାହାଣ ପଟ ବେଞ୍ଚରେ ବସିଥିବା ପ୍ରେମୀଯୁଗଳଙ୍କ ଝଗଡ଼ା କାନରେ ପଡ଼ିଲା, ତୁମ ବିନା ବଞ୍ଚିବି କେମିତି କାନ୍ଦି କାନ୍ଦି କହୁଥିଲେ ପ୍ରେମିକା ଜଣକ। ହେଲେ ଠିକ୍ ସପ୍ତାହ ପରେ ସେଇ ଜାଗାରେ ବସି ପ୍ରେମିକା ଜଣକ ଖେଳୁଥିଲେ ଅନ୍ୟ ଏକ ଜୀବନ ସହ।

*ମୋ: ୭୦୦୮୩୪୮୦୮୩*

## ଏ ଲେଉଟାଣି ବେଳ !

–ରଶ୍ମିରେଖା ଦାସ

ଦିନେ ସମୟ ଦେଖି ଫେରି ଆସିବ ପକ୍ଷୀ
ଆକାଶକୁ ପର କହି
ମାଟିର ଆଖିରୁ ଲୁହ ପୋଛିବାକୁ
ସେଦିନ ତୁମେ ଆଉ
ତୁମେ ହୋଇ ନ ଥିବ
ମୁଁ ବି ଲେଖିପାରୁ ନ ଥିବି କବିତା
ଆଇନାକୁ ଚାହିଁଲେ ଦିଶୁଥିବା
ଫୁଙ୍ଗୁଳା ଭାଗ୍ୟର ଅନିଶ୍ଚିତତା
ଏ ସବୁ କିଛି ଭିତରେ
ଲେଉଟି ଆସିବ କେହି ଜଣେ
ଝରକା ପାଖରୁ ଖୋଜିବ କଅଁଳ ଖରା
ଖୋଲା ପଡ଼ିଥିବ ପଞ୍ଜୁରି
ତେଣେ ମାଟିରୁ ଚାଉଳ ସାଉଁଟୁ ଥିବ
ଗତ ସନରୁ ଫେରାର୍ ଥିବା ବାଇଚଢ଼େଇ...

*–ମଧୁସୂଦନ ନଗର, କଟକ*
*ମୋ:୭୦୬୪୭୨୮୧୪୫*


## ସେଇ କୋଠରୀରେ

–ରଶ୍ମି ମହାପାତ୍ର

ଉଷ୍ମ ନୀରବତା ଗଡ଼ପଡ଼ ହେଉଛି,
ହେଉଥାଉ ;
ଡାକନାହିଁ ପବନକୁ
ସବୁକିଛି ହଲଚଲ କରିଦେବ
ମନେ ନାହିଁ!
ବିନା ଡାକରାରେ ଫନି ଆସିଥିଲା,
ନିଶବ୍ଦରେ ଗଢୁଥିବେ ଶବ୍ଦ
ଧିରେ ଧିରେ,କଥାହେବେ
ଅକ୍ଷରଙ୍କୁ କୁହ
ଅନୁପସ୍ଥିତିର ପ୍ରତିଧ୍ୱନି ଶୁଣିବାକୁ ଦିଅ,
ଭାରି ସୋଜା
ବୋଉଙ୍କ ହସର ଫର୍ମୁଲା
ହେଲେ ମୁଁ ପାରୁନାହିଁ
ସେଇ ମାର୍କାମରା ହସ ହସି
କି କି ଉପାଦାନ
କେତେ କେତେ ମାତ୍ରା
ଭାଗ ମାପ ଏବେ ବି କଷୁଛି,
ତାଙ୍କରି ସ୍ପର୍ଶରେ
ମୁଁ ଆଉଜି ପଡୁଛି
କାଠର ଚଉକି ଭାବନି
ଇଏ ତାଙ୍କ କୋଳ
ଆଲିଙ୍ଗନକୁ ଅନୁଭବ କରିବାକୁ ଦିଅ,
ନା ନା ରୁମ ଖାଲି ପଡିନି
ସବୁ ଆଡେ ଭରପୂର
ଜୀବନ ଇ ଜୀବନ
ବିଛଣା ଟିକେ ବି ହେଇନାହିଁ
ଲୋଟା କୋଟା,
ମନମୁତାବକ ରଂଗର ଚଦର
ପ୍ରସାରୁଛି ସ୍ନେହର ବଳୟ
ଆଖି ଲାଗି ଆସୁଛି
ଉଠାଅନି
ମତେ ଆଖି ବନ୍ଦ ରଖିବାକୁ ଦିଅ
ଉଷ୍ମ ନୀରବତା
ଭୋଗିବାକୁ ଦିଅ।

*–ମୁମ୍ବାଇ, ମୋ–୯୩୨୪୯୬୮୭୮୯*





# ଏଥର ବାୟୋପିକ୍

ଆଦିତ୍ୟ ପଞ୍ଚୋଲିଙ୍କ ପୁତ୍ର ସୂରଜ। ଇତି ମଧ୍ୟରେ ସେ ବଲିଉଡ୍‌ରେ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ହେଲେ ଦୁର୍ଭାଗ୍ୟ, ଗୋଟିଏ ହେଲେ ଫିଲ୍ମ ଦର୍ଶକାଦୃତ ହୋଇପାରିଲା ନାହିଁ। ଶେଷରେ ବୁଡି ଯାଉଥିବା ଲୋକର କୁଟାଖିଅଟିଏ ଭରଷା ପରି ଏବେ ଏକ ବାୟୋପିକ୍ ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। କଥା କ'ଣ କି ୧୪୦୦ ଖ୍ରୀଷ୍ଟାବ୍ଦର ଐତିହାସିକ କାହାଣୀକୁ ଆଧାର କରି ଏକ ବାୟୋପିକ୍ ନିର୍ମାଣ କରାଯାଉଛି। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସୂରଜ। ଏଭଳି ଏକ ଅଫର ତାଙ୍କ କ୍ୟାରିୟରକୁ ମାଇଲେଜ ଦେବ ବୋଲି ସେ ଦୃଢ଼ ଆଶାବାଦୀ ଅଛନ୍ତି। ଏହି ଫିଲ୍ମରେ ତାଙ୍କର ଭୂମିକାଟି ହେଲା ବୀର ହୀମରଜୀ ଗୋହିଲ। ଜାଫର ଖାଁ ଏକ ମନ୍ଦିରକୁ ଲୁଟ୍ କରିବା ସହ ଧ୍ୱଂସ କରିବାକୁ ଯୋଜନା କରିଛନ୍ତି। ଏହାକୁ କିପରି ପଣ୍ଡ କରାଯିବ ସେ ନେଇ ଗୋହିଲ୍ ନିଜ ଜୀବନକୁ ବାଜି ଲଗାଇ ଦେଇଛି। ତେବେ ଶେଷରେ ଏହାର ଫଳାଫଳ କ'ଣ ହୋଇଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ସୂରଜଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ହୀରୋ'। ତା'ପରେ ସେ 'ସାଟେଲାଇଟ୍ ଶଙ୍କର' ଫିଲ୍ମରେ ଅଭିନୟ କରିଥିଲେ। ହେଲେ ଗୋଟିଏ ହେଲେ ସିନେମା ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇ ନ ଥିଲା।


ସୂରଜ

# ପ୍ରଥମେ ଉପାସନା ପରେ ଭାଗ୍ୟଶ୍ରୀ

ଥରେ ମନେ ପକାନ୍ତୁ ନା ରାଜଶ୍ରୀ ଫିଲ୍ମସ ବ୍ୟାନରରେ ନିର୍ମିତ ତଥା ସୂରଜ ବଡ଼ଜ୍ୟାତାଙ୍କ ଦ୍ୱାରା ପ୍ରଯୋଜିତ 'ମୈନେ ପ୍ୟାର କିୟା' ଚଳଚ୍ଚିତ୍ରକୁ। ଖାସ୍ କଥା ହେଲା ଏହି ଫିଲ୍ମରୁ ବଲିଉଡ୍‌ରେ ସୋଲୋ ନାୟକ ସାଜିଥିଲେ ସଲମାନ ଖାନ୍। କେବଳ ସେତିକି ନୁହେଁ ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। ତା'ସହ ସଲମାନ ରାତାରାତି ନିଜକୁ ନାୟକ ଦୌଡରେ ସାମିଲ କରିବାରେ ସକ୍ଷମ ହୋଇଥିଲେ। ହେଲେ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ଭାଗ୍ୟଶ୍ରୀ। ହେଲେ ଫିଲ୍ମର ସମସ୍ତ କ୍ରେଡିଟ୍ ଯାଇଥିଲା ସଲମାନଙ୍କୁ। ଏହା ତ ଅଲଗା କଥା। ହେଲେ ଉକ୍ତ ଚିତ୍ରର ନାୟିକା ପାଇଁ ଭାଗ୍ୟଶ୍ରୀ ଫାଷ୍ଟ ଚଏସ୍ ନ ଥିଲେ। ପ୍ରଥମେ ଏହି ଭୂମିକା ପାଇଁ ଉପାସନା ସିଂଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ପରେ କ'ଣ ହେଲା କେଜାଣି ତାଙ୍କୁ ହଠାତ୍ ଏହି ତାଲିକାରୁ ବାଦ୍ ଦିଆଯାଇଥିଲା। ଆଉ ଭାଗ୍ୟଶ୍ରୀଙ୍କୁ ସୁଯୋଗଟି ମିଳିଥିଲା।


ଭାଗ୍ୟଶ୍ରୀ


ତ୍ରିପ୍ତି

# ଗୁରୁ ଖୋଜା ଚାଲିଛି

'ଆନିମଲ୍' ଫେମ୍ ତ୍ରିପ୍ତି ଡିମ୍ରି ଏବେ ଖୋଜାଖୋଜିରେ ବ୍ୟସ୍ତ। ହେଲେ ସେ କ'ଣ ଖୋଜୁଛନ୍ତି ଜାଣିବେନି ? ଅସଲ କଥା ହେଲା ସେ ଏବେ ଜଣେ ଗୁରୁ ଖୋଜିବାରେ ଲାଗିପଡିଛନ୍ତି। କାରଣ ତାଙ୍କର ଖୁବ୍ ଶୀଘ୍ର ଏକ ସମ୍ପୂର୍ଣ୍ଣ କମେଡିଭିତ୍ତିକ ଫିଲ୍ମରେ ଅଭିନୟ କରିବାର ଯୋଜନା ରହିଛି। ତେଣୁ ଏ କ୍ଷେତ୍ରରେ କିଛି ଜାଣିବାକୁ ସେ ଜଣେ କମେଡି ଗୁରୁ ଖୋଜୁଛନ୍ତି। ଏ ବିଷୟରେ ତ୍ରିପ୍ତି କହନ୍ତି, 'କମେଡି କରି ଦର୍ଶକଙ୍କୁ ହସାଇବା ସହଜ କଥା ନୁହେଁ। ଯେତେବେଳେ ମୋତେ ଏଭଳି ଏକ ଅଫର ମିଳିଲା ସେତେବେଳେ ମୁଁ କିଛି ଚିନ୍ତା ନ କରି ହଁ ଭରିଥିଲି। ଏବେ ମୁଁ କମେଡି ବିଷୟରେ ଅଧିକ ଜାଣିବା ପାଇଁ ଅନେକ କମେଡ଼ି ଫିଲ୍ମ ଦେଖୁଛି। ତା'ସହ ଜଣେ ଭଲ କମେଡି ଗୁରୁ ସନ୍ଧାନରେ ବି ଅଛି। ମୋତେ ମିଳିଥିବା ଭୂମିକାଟିକୁ କିପରି ସଫଳ କରିବି ସେ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି।' ତ୍ରିପ୍ତିଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରୁ ଓ ଫିଲ୍ମଟିର ଟାଇଟଲ ଥିଲା 'ମମ୍'। କିନ୍ତୁ 'ବୁଲ୍‌ବୁଲ୍' ଫିଲ୍ମଟି ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏପରିକି ଏହି ଫିଲ୍ମ ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ବର୍ତ୍ତମାନ ସେ 'ଧଡକ-୨'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସିଦ୍ଧାନ୍ତ ଚତୁର୍ବେଦୀ।

# ଡାଏରୀ କହିବ ମନ କଥା

ଡାଏରୀରେ ଅନେକ କଥା ଲିପିବଦ୍ଧ ହୋଇ ରହିଥାଏ। ତେବେ ସ୍କୁଲ ସମୟର ଏକ ଡାଏରୀରେ କ'ଣ ରହିଛି ତାହାକୁ ଆଧାର କରି କାହାଣୀ ଗତି କରିଛି। ଏହାବ୍ୟତୀତ ଏଥିରେ ସାମ୍ପ୍ରତିକ ଘଟଣାବଳୀର ଝଲକ ମଧ୍ୟ ଦେଖିବାକୁ ମିଳିବ। ଏଭଳି ବିଷୟବସ୍ତୁକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ସ୍କୁଲ ଡାଏରୀ। ଏହାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ସମ୍ବିତ ବାରିକ। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଲଗ୍ନା ସ୍ୱାଇଁ ଏବଂ ସମ୍ବିତ ବାରିକ। ଲାଇନ୍ ପ୍ରଯୋଜକ ଅଛନ୍ତି ଗଣେଶ ପଣ୍ଡା ଏବଂ ରବି କୁମାର ଶତପଥି। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ନବାଗତ ଯୋଡି ପ୍ରେମ, ଅକ୍‌ସିତା ଏବଂ ବିଦ୍ୟାଙ୍କ ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ସସ୍ମିତା ପ୍ରଧାନ ଏବଂ ରବି ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି।

# ବିଶ୍ୱାସ କରିପାରି ନ ଥିଲେ ଦୀପିକା

ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତତମ ନାୟିକାମାନଙ୍କ ମଧ୍ୟରେ ଦୀପିକା ପାଦୁକୋନ ଅନ୍ୟତମ। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ଫାରହା ଖାନ୍‌ଙ୍କ 'ଓମ୍ ଶାନ୍ତି ଓମ୍'ରୁ। ପୁଣି ଏପରି ସୌଭାଗ୍ୟ ଯେ, ଏହି ଫିଲ୍ମର ନାୟକ ଥିଲେ ଶାହରୁଖ ଖାନ୍। ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା ସେତେବେଳେ ସେ ଏହାକୁ ବିଶ୍ୱାସ କରି ପାରି ନ ଥିଲେ। ଏ ବିଷୟରେ ଦୀପିକା କହନ୍ତି, ''ମୋର ପ୍ରଥମ ହିନ୍ଦୀ ସିନେମା ଥିଲା 'ଓମ୍ ଶାନ୍ତି ଓମ'। ଅବଶ୍ୟ ଏଭଳି ଏକ ସୁଯୋଗ ମିଳିବା ପରେ ମୁଁ ବେଶ୍ ଖୁସି ହୋଇଯାଇଥିଲି। କିନ୍ତୁ ମୁଁ ଯେ, ଶାହରୁଖଙ୍କ ପରି ଲୋକପ୍ରିୟ ଅଭିନେତାଙ୍କ ନାୟିକା ସାଜିବି ତାହାକୁ ବିଶ୍ୱାସ କରିପାରି ନ ଥିଲି। ଯେତେବେଳେ ଫରହାଙ୍କୁ ଏ ନେଇ ପୁଣି ଥରେ ପଚାରିଥିଲି ସେ ମୋତେ କହିଥିଲେ ଯେ ଏଥିରେ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ। କେବଳ ସେତିକି ନୁହେଁ, ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ ବି କରିଥିଲା।'' ହେଲେ ଦୀପିକାଙ୍କୁ ଏଭଳି ଅଫର ମିଳିବା ପଛରେ ଏକ କାହାଣୀ ଲୁଚି ରହିଥିଲା। ସେତେବେଳେ ସେ 'ନାମ ହେ ତେରା' ନାମକ ଏକ ମ୍ୟୁଜିକ ଭିଡିଓର ଶୁଟିଂ କରୁଥାଆନ୍ତି। ଏହି ସମୟରେ ତାଙ୍କ ଉପରେ ଫାରହାଙ୍କ ନଜର ପଡିଥିଲା। ତା'ପରେ ବିଳମ୍ବ ନ କରି ତାଙ୍କର ନୂଆ ପ୍ରୋଜେକ୍ଟର ନାୟିକା ଭାବରେ ତାଙ୍କୁ ଅଫର ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଦୀପିକା ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ।


ଦୀପିକା



# ପ୍ରଥମ ସିନେମା ମୋ ପାଇଁ ସରପ୍ରାଇଜ ଥିଲା

**ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ପ୍ରଥମ ସିନେମା ଥିଲା 'ପାଗଳ ପ୍ରେମୀ'। 'ଲଭ୍ ଡଟ୍ କମ୍', 'ପିଲାଟା ବିଗିଡି ଗଲା' ଏବଂ 'ପୁଷ୍କରା' ପରି ସୁପରହିଟ୍ ଚଳଚ୍ଚିତ୍ର ବ୍ୟତୀତ ଅନେକ ଓଡ଼ିଆ ସିନେମାରେ ଅଭିନୟ କରିଥିବା ଏହି ଅଭିନେତା ନିଜ ରିଲ୍ ଏବଂ ରିୟଲ ଲାଇଫ ବିଷୟରେ ଯାହା କହନ୍ତି....**

**ପାଞ୍ଚଟି କଥା**
**ସବ୍ୟସାଚୀ**

ଓଡ଼ିଆ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ସବ୍ୟସାଚୀ ମିଶ୍ର ଓରଫ ସବ୍ୟ। ପ୍ରସାଦ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ତଥା ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ପାଗଳପ୍ରେମୀ'ରୁ ତାଙ୍କର ବଡ ପରଦାର ଜୀବନ ଆରମ୍ଭ ହୋଇଥିଲା। ହେଲେ ଏହି ଅଫର ମିଳିବା ପଛରେ କି ରହସ୍ୟ ଥିଲା ସେ ବିଷୟରେ ସବ୍ୟସାଚୀ କହନ୍ତି, ''ସେତେବେଳେ ମୁଁ ମ୍ୟୁଜିକ ଆଲବମ୍ କରୁଥାଏ। ଥରେ କଟକସ୍ଥିତ ପୋଲିସ ହାଇସ୍କୁଲ ଗ୍ରାଉଣ୍ଡରେ ହର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଁ ଡ୍ୟାନ୍ସ କରୁଥାଏ। ସେଠାରେ ସେ ମୋତେ ଫିଲ୍ମରେ ଆକ୍ଟିଂ ପାଇଁ ଅଫର ଦେଇଥିଲେ। ସେତେବେଳେ 'ପାଗଳ ପ୍ରେମୀ'ର କାଷ୍ଟିଂ ଚାଲିଥାଏ। ହର ସାର୍‌ଙ୍କ କହିବା ଅନୁସାରେ ମୁଁ ମୋର କେତେକ ଫଟୋ ପଠାଇଥିଲି। ହାଇଦ୍ରାବାଦରେ ସିଲେକସନ ହେବା ପରେ ମୋତେ ଯେତେବେଳ ଖବର ଦିଆଗଲା ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। ଏହି ଫିଲ୍ମର ଅଫର ଏବଂ ପରେ ତାହା ସତରେ ପରିଣତ ହେବା ମୋ ପାଇଁ ଏକ ସରପ୍ରାଇଜ ଥିଲା। କେବଳ ସେତିକି ନୁହେଁ, ମୋ ପ୍ରଥମ ସିନେମା ବେଶ୍ ଦର୍ଶକାଦୃତ ହେବା ପରେ ମୋ ମନରେ ଜଣେ ଅଭିନେତା ହେବାର ଯେଉଁ ସ୍ୱପ୍ନ ଥିଲା ତାହା ପୂରଣ ହୋଇଥିଲା।'' ତେବେ ପାଠ ପଢ଼ିବା ବେଳେ ସବ୍ୟସାଚୀ ଚାହୁଁଥିଲେ ଜଣେ ଇଞ୍ଜିନିୟର ହୋଇ ନୂଆ ନୂଆ ଜିନିଷ ବାହାର କରିବାକୁ। ହେଲେ ସେତେବେଳେ ସେ କୌଣସି ସିନେମା ଦେଖିଲେ ଘରକୁ ଫେରିବା ପରେ ଆଇନା ସାମନାରେ ଠିଆ ହୋଇ ଆକ୍ଟିଂ କରୁଥିଲେ। ତେଣୁ ସେହି ସମୟରୁ ତାଙ୍କ ମନରେ ଜଣେ ଅଭିନେତା ହେବାର ବି ଆଶା ରହିଥିଲା। ରିଲ୍ ଲାଇଫର ସବୁଠାରୁ ସ୍ମରଣୀୟ ସ୍ମୃତି ବିଷୟରେ ସବ୍ୟ କହନ୍ତି, ''କୋଭିଡ୍ ପରେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ବେଶ୍ ଆଲୋଚନା ହେଉଥିଲା। କିନ୍ତୁ ମୋ ଅଭିନୀତ 'ପୁଷ୍କରା' ଯେଉଁଭଳି ଆଶାତୀତ ସଫଳତା ପାଇଲା ତାହା ଓଡ଼ିଆ ସିନେମାକୁ ଏକ ନୂଆ ରାସ୍ତା ଦେଖାଇଥିଲା। ହଁ, ଯଦି ମୁଁ ଅଭିନେତା ନ ହୋଇଥାଆନ୍ତି ତେବେ ଇଞ୍ଜିନିୟରିଂ ଲାଇନରେ ରହିଥାଆନ୍ତି। ଏ କ୍ଷେତ୍ରରେ ଭଲ ଭଲ ବିଷୟ ଉପରେ ତର୍ଜମା କରି ଜନସାଧାରଣଙ୍କୁ ଅନେକ ଭେଟି ଦେଇଥାଆନ୍ତି।'' ଶେଷରେ ଆକ୍ଟିଂ ଜୀବନରେ ସେ ଗୋଟିଏ କଥାକୁ ଭାରି ବିଶ୍ୱାସ କରନ୍ତି। ନିଜ ନୂଆ ସିନେମାର ଶୁଟିଂ ସମୟରେ ଯେମିତି ହେଲେ ସେ ମହାପ୍ରଭୁଙ୍କ ଦର୍ଶନ କରିଥାଆନ୍ତି। ତା'ସହ ଯେଉଁଦିନ ଫିଲ୍ମ ରିଲିଜ ହୁଏ ସେଦିନ ବି ସେ ଜଗନ୍ନାଥଧାମ ଯାଆନ୍ତି।


କିର୍ତ୍ତି

# ତଥାପି ଆଶାରେ...

ଅଭିନୟରେ କିର୍ତ୍ତି ସୁରେଶ କେତେ ପରିପକ୍ୱ ତାହା କହିବା ଅନାବଶ୍ୟକ। ଗତ ବର୍ଷ ସେ ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମଟିର ଟାଇଟଲ ଥିଲା 'ବେବି ଜନ୍'। ଏଥିରେ ବରୁଣ ଧାୱନଙ୍କ ପରି ଅଭିନେତା ଥିଲେ ମଧ୍ୟ ବକ୍ସ ଅଫିସରେ ଚିତ୍ରଟି ଫ୍ଲପ୍ ହୋଇଥିଲା। ଗତ ବର୍ଷ ଡିସେମ୍ବର ୨୫ରେ ରିଲିଜ ହୋଇଥିବା ୧୮୦କୋଟି ବଜେଟର ଉକ୍ତ ଚିତ୍ର ମାତ୍ର ୫୦ କୋଟି ବିଜନେସ କରିଥିଲା। ପ୍ରଥମ ସିନେମାର ଏଭଳି ଅବସ୍ଥା ହେବା ପରେ ବି ଭାଙ୍ଗି ପଡିନାହାନ୍ତି କିର୍ତ୍ତି। ଏ ନେଇ ସେ କହନ୍ତି, ''ସବୁ ସିନେମା ଯେ ହିଟ୍ ହେବ ଏକଥା ଭାବିବା ଭୁଲ। ପ୍ରତିଟି ସିନେମାରେ ଆମେ ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଥାଉ। ହେଲେ ଦର୍ଶକ ହେଉଛନ୍ତି ଆମ ପାଇଁ ଭଗବାନ। ସେମାନଙ୍କର ମତକୁ ଆମକୁ ଗ୍ରହଣ କରିବାକୁ ହିଁ ପଡିବ। ମୋର ପ୍ରଥମ ହିନ୍ଦୀ ସିନେମା ଭଲ ବିଜନେସ କଲାନାହିଁ, ଏଥିରେ ମନ ଦୁଃଖ ତ ହେଉଛି, ହେଲେ ସତ୍ୟକୁ ଗ୍ରହଣ କରିବାକୁ ପଡିବ। ଆଗକୁ ଆହୁରି ଭଲ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଲକ୍ଷ୍ୟ ରଖିଛି।'' ତେବେ ଆଗକୁ କିର୍ତ୍ତି ହିନ୍ଦୀ ସିନେମାରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ପ୍ରଥମ ରୋଜଗାର

# ଭଉଣୀକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିଲି



ଜ୍ୟୋତିର୍ବିଜ୍ଞାନୀ ତଥା ଲେଖକ **ଡ. ଶୁଭେନ୍ଦୁ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଦଶମ ଶ୍ରେଣୀରେ ପଢ଼ିଲାବେଳେ ମା'ଙ୍କର ଏବଂ ଇଞ୍ଜିନିୟରିଂର ପ୍ରଥମ ବର୍ଷରେ ବାପାଙ୍କର ମୃତ୍ୟୁ ହୋଇଥିଲା। ମୁଁ ଥିଲି ଘରର ବଡ଼ ପୁଅ। ମୋ ତଳେ ଗୋଟେ ଭଉଣୀ ଓ ଗୋଟେ ଭାଇ। ଆମର ଥିଲା ଯୌଥ ପରିବାର, ଯେଉଁଥିରେ ଥିଲେ ଚାରି ଦାଦା ଓ ତିନି ଖୁଡ଼ୀ। ସେମାନେ ସମସ୍ତେ ବିଶେଷକରି ବଡ଼ ଦାଦା ଆମର ଲାଳନପାଳନ ଓ ଶିକ୍ଷାର ଦାୟିତ୍ୱ ନେଇଥିଲେ। ପରିବାରରେ ସମସ୍ତେ ଥିଲେ ଉଚ୍ଚ ଶିକ୍ଷିତ। ଆର୍ଥିକସ୍ଥିତି ବି ଠିକ୍‌ଠାକ୍ ଥିଲା। ମୋ'ଠାରୁ ମାତ୍ର ବର୍ଷେ ସାନ ମୋ ଭଉଣୀ ପ୍ରତ୍ୟେକ ଦୃଷ୍ଟିରୁ ମୋର ଖୁବ୍ ବିଶ୍ୱାସୀ ଥିଲା। କୌଣସି କାରଣରୁ ତାକୁ ଥରେ ପ୍ରତିଶ୍ରୁତି ଦେଇଥିଲି, 'ମୁଁ ଯେବେ ଚାକିରି କରିବି, ମୋର ପ୍ରଥମ ଦରମାର ୯୦ ପ୍ରତିଶତ ତୋତେ ଦେବି।' ଏ କଥା ବେଶ୍ କିଛିଦିନ ମନେରହିବା ପରେ ବୋଧହୁଏ ସମୟକ୍ରମେ ଆମେ ଦୁହେଁ ଭୁଲି ଯାଇଥିଲୁ। ପାଠ ସହ ମୁଁ ଖୁବ୍ ଭଲ କ୍ରିକେଟ୍ ଖେଳୁଥିଲି। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢ଼ିବା ସମୟରେ ଲଗାତାର ୪ ବର୍ଷ ୟୁନିଭର୍ସିଟି ପାଇଁ ଖେଳିବା ସହ ୨ବର୍ଷ ଅଧିନାୟକ ଭାବରେ ମନୋନୀତ ହୋଇଥିଲି। ପାଠ ଅପେକ୍ଷା ଖେଳରେ ମୋର ଅଧିକ ସମୟ ବିତୁଥିଲା। ତଥାପି ପ୍ରଥମ ଶ୍ରେଣୀରେ ଇଞ୍ଜିନିୟରିଂ ପାସ୍ କରି ୧୯୯୮ ସେପ୍ଟେମ୍ବରରେ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ଜଣେ ଯୁବ ଇଞ୍ଜିନିୟର ଭାବେ ଯୋଗ ଦେଇଥିଲି। ମନ ମୁତାବକ ସରକାରୀ ଚାକିରି ପାଇ ମୁଁ ଅତ୍ୟଧିକ ଖୁସି ଥିଲି। ନୂଆ ଚାକିରିର ପ୍ରଥମ ଦରମା ପାଇ ରେଭିନ୍ୟୁ ଟିକେଟ ଉପରେ ଦସ୍ତଖତ କରିବା ମୁହୂର୍ତ୍ତଟି ଥିଲା ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର। ସେହି ସମୟରେ ପ୍ରାୟ ୧୦ବର୍ଷ ପୂର୍ବେ ଭଉଣୀକୁ ଦେଇଥିବା ପ୍ରତିଶ୍ରୁତି କଥା ହଠାତ୍ ମନେ ପଡ଼ିଯାଇଥିଲା। ସେତେବେଳେ ଭଉଣୀ ରାଉରକେଲାରେ ରହୁଥିଲା। ଚାକିରିରେ ଯୋଗ ଦେବାର କିଛି ମାସ ପରେ ଅଫିସ୍ କାର୍ଯ୍ୟରେ ଟ୍ରେନ୍‌ରେ ମୋତେ ନୂଆଦିଲ୍ଲୀ ଯିବାକୁ ପଡ଼ିଲା। ଟ୍ରେନଟି ପୁରୀରୁ ବାହାରି ଖଡ଼ଗପୁର ଓ ରାଉରକେଲା ବାଟ ଦେଇ ବୁଲି ବୁଲି ତିନି ଦିନରେ ଯାଇ ଦିଲ୍ଲୀରେ ପହଞ୍ଚୁଥିଲା। ମୋତେ ଟ୍ରେନ୍ ଖାଦ୍ୟ ଖାଇବାକୁ ସେତେ ଭଲ ଲାଗେନି। ସାନ ଭଉଣୀକୁ କହିଲି, ମୋ ପାଇଁ ମଧ୍ୟାହ୍ନ ଓ ରାତିଭୋଜନ ପାଇଁ ଖାଇବା ଆଣି ରାଉରକେଲା ଷ୍ଟେଶନରେ ଦେଇ ଯିବାକୁ। ଷ୍ଟେଶନରେ ତା'ଠାରୁ ଖାଦ୍ୟ ନେଲାବେଳେ ମୁଁ ବି ତାକୁ ଏକ ଛୋଟ ମିଠା ପ୍ୟାକେଟ ଦେଇଥିଲି; ଯେଉଁଥିରେ ମିଠା ଓ ମୋ ପ୍ରଥମ ଦରମାର ୯୦ ପ୍ରତିଶତ ଟଙ୍କା ସହିତ 'ମୋର ପ୍ରତିଶ୍ରୁତି ପୂରଣ' ହେଲା ବୋଲି ଲେଖାଟିଏ ରହିଥିଲା। ଏହା କେବଳ ମିଠା ପ୍ୟାକେଟ ବୋଲି ଭାବି ସେ ହସି ହସି ଏହାକୁ ଗ୍ରହଣ କରି ନେଇଥିଲା। ମିଠା ପ୍ୟାକେଟରେ ପ୍ରକୃତରେ କ'ଣ ଅଛି ଦେଖିବା ପରେ ଭଉଣୀର କ'ଣ ପ୍ରତିକ୍ରିୟା ହୋଇଥିବ ଭାବି ଭାବି ମୋର ବାକି ରାସ୍ତା କଟିଯାଇଥିଲା। ସେ ସମୟରେ ମୋବାଇଲ ଫୋନ ନଥିଲା। ସପ୍ତାହ ପରେ, ଯେତେବେଳେ ମୁଁ ଭୁବନେଶ୍ୱରକୁ ଫେରିଥିଲି, ସେତେବେଳେ ଭଉଣୀଠାରୁ ଏକ ଫୋନ୍ କଲ୍ ପାଇଲି। ତା' ସ୍ୱରରେ ଭରି ରହିଥିଲା ଭାବପ୍ରବଣତା। ସେହି ମୁହୂର୍ତ୍ତରେ ଅନୁଭବ କଲି ଯେ, ମୋର ସମସ୍ତ ସଂଘର୍ଷ ସାର୍ଥକ ହୋଇଛି। ଭଉଣୀକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା କେବଳ ଟଙ୍କା ଦେବା ନୁହେଁ; ଏହା ମୋର କଥାକୁ ପାଳନ କରିବା, ମୋର ଦାୟିତ୍ୱବୋଧ, ଶ୍ରଦ୍ଧା ଏବଂ ଆଶୀର୍ବାଦର ଏକ ସ୍ୱତନ୍ତ୍ର ଅନୁଭବ ଥିଲା। ତେବେ ପଠାଣି ସାମନ୍ତ ପ୍ଲାନେଟାରିୟମରେ ଯୁବ ଇଞ୍ଜିନିୟର ଭାବେ କିଛିଦିନ କାମ କରିବା ପରେ କ୍ରମେ ଉପ-ନିର୍ଦ୍ଦେଶକ (ବୈଷୟିକ)ର ଦାୟିତ୍ୱ ନେଇଥିଲି। ଦୀର୍ଘ ୩୫ ବର୍ଷର ନୀରବଚ୍ଛିନ୍ନ ଚାକିରି କାଳରେ ବିଭିନ୍ନ ବୈଷୟିକ ଏବଂ ପ୍ରଶାସନିକ ଦାୟିତ୍ୱ ସୂଚାରୁ ରୂପେ ସଂପାଦନ କରିଥିଲି। ଆଉ ତା'ରି ଭିତରେ ଜ୍ୟୋତିର୍ବିଜ୍ଞାନ ଉପରେ ଗବେଷଣା କରି ୨୦୧୩ରେ ପଦାର୍ଥ ବିଜ୍ଞାନରେ ପିଏଚଡି ଡିଗ୍ରୀ ମଧ୍ୟ ହାସଲ କରିଥିଲି। ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ ଓ ସୁବକ୍ତା ଭାବରେ ୟା'ଭିତରେ ମୋ ଲିଖିତ ଅନେକ ପ୍ରବନ୍ଧ ଉଭୟ ଓଡ଼ିଆ ଓ ଇଂରାଜୀ ଖବରକାଗଜ ସହ ଅନେକ ପତ୍ର-ପତ୍ରିକାରେ ପ୍ରକାଶିତ ହୋଇସାରିଛି। ଖାସ୍ କରି ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ସହ ଜଡ଼ିତ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୋ ଦ୍ୱାରା ରଚିତ ପୁସ୍ତକ 'ପରାଗ' ବହି ସକାଶେ ରାଜ୍ୟ ସରକାର ୨୦୨୨ ମସିହା ପାଇଁ ମୋତେ ସମ୍ମାନଜନକ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ପ୍ରଦାନ କରିଛନ୍ତି।

# ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ

ସାଥୀ



**ପ୍ରଶ୍ନ**–ଜଣେ ସୁନ୍ଦରୀ ସହ କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–କାର୍ତ୍ତିକ କୁମାର, ଭୁବନେଶ୍ୱର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ତେଣୁ ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଅଳପ ବର୍ଷାକୁ କଅାଁଳ ଖରା, ଚତୁରୀ ରାଧୀକା ନ ଦିଏ ଧରା। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ପ୍ରେମର ପହିଲି ଆରମ୍ଭ କୁଆଡେ ଲାଜରୁ ହୁଏ। ଏହା ପଛରେ କେତେ ସତ୍ୟତା ଅଛି କହିବେ କି ସାଥୀ ?

*–ଦିଗମ୍ବର ରାଉତ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ସୁନ୍ଦରୀର ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ। ସେଇଠୁ ପ୍ରେମର ଆରମ୍ଭ ହୁଏ, ପୁଣି ସେଇଠି ବି ଶେଷ ହୁଏ। ହେଲେ ଏହି ପ୍ରେମ ଥରେ ଆରମ୍ଭ ହେଲେ ତାହାର ଫାଶ ସହଜରେ ଫିଟେନା। 'ଚୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ। କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ଅଧା ବାଟରେ ଗୁଡବାୟ କରି ଚାଲିଗଲା। କିନ୍ତୁ ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ସେପଟେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। ଏଭଳି ପରିସ୍ଥିତିରେ କ'ଣ କରିବି ଜାଣିପାରୁନାହିଁ।

*–ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ରହ୍ମପୁର*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦି ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ'ଣ କରିବି ?

*–ବିନୟ, ପୁରୀ*

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।

# ମେଟାଲିକ୍ ଜ୍ୟାକେଟ୍

**ମେଟାଲିକ୍ ଜ୍ୟାକେଟ୍ ଏକ ଷ୍ଟେଟ୍‌ମେଣ୍ଟ ପିସ୍‌ର କାମ ଦେଇଥାଏ; ଯାହାକୁ ପାର୍ଟି, ଫଙ୍କସନ୍‌ରେ କ୍ୟାରି କଲେ ଆକର୍ଷଣୀୟ ଲୁକ୍ ମିଳେ। ଖାସ୍ କରି ଶୀତଦିନିଆ ପାର୍ଟି ପାଇଁ ଏହା ବେଷ୍ଟ ହୋଇଥାଏ....**

ମେଟାଲିକ୍ ଜ୍ୟାକେଟ୍ ଏକ ଭର୍ସାଟାଇଲ୍ ଆଉଟ୍‌ଫିଟ୍ ; ଯାହାକୁ ଭିନ୍ନ ଭିନ୍ନ ଢଙ୍ଗରେ ଷ୍ଟାଇଲ୍ କରିହୁଏ। କାଜୁଆଲ୍ ଲୁକ୍ ହେଉ କି ଗ୍ଲାମର୍ସ ଲୁକ୍ ଏହା ସବୁଥିରେ ପରଫେକ୍ଟ ଲାଗେ। ଅଧିକାଂଶ ଭାବନ୍ତି, ମେଟାଲିକ୍ ଜ୍ୟାକେଟ୍‌ରେ ଲୁକ୍ ଓଭର୍ ଗର୍ଜିୟସ୍ ଲାଗେ ; କିନ୍ତୁ ବାସ୍ତବରେ ସେମିତି କିଛି ବି ନୁହେଁ। ଯଦି ଏହାକୁ ସଠିକ୍ ଢଙ୍ଗରେ କ୍ୟାରି କରାଯାଏ ; ତା'ହେଲେ ତ ଆକର୍ଷଣୀୟ ପାର୍ଟି ଲୁକ୍ ମିଳେ। ଖାସ୍‌କରି ୱିଣ୍ଟର ପାର୍ଟିରେ ଏହି ଜ୍ୟାକେଟ୍‌କୁ କିଭଳି ଷ୍ଟାଇଲ୍ କରିବେ ଜାଣନ୍ତୁ ସେ ସମ୍ପର୍କରେ...



* **ଅନ୍ୟ ଆଉଟ୍‌ଫିଟ୍‌କୁ ସିମ୍ପଲ ରଖିବେ:** ମେଟାଲିକ୍ ଜ୍ୟାକେଟ୍ କ୍ୟାରି କରୁଥିଲେ, ଏହା ପୁରା ଲୁକ୍ ପାଇଁ ଷ୍ଟେଟ୍‌ମେଣ୍ଟ ପିସ୍‌ର କାମ ଦେଇଥାଏ। ସେଥିପାଇଁ ଏହାକୁ ବାଲାନ୍ସ କରି ପିନ୍ଧିବା ଆବଶ୍ୟକ। ତେଣୁ ଯେତେବେଳେ ବି ମେଟାଲିକ୍ ଜ୍ୟାକେଟ୍ ପିନ୍ଧୁଛନ୍ତି, ସେତେବେଳେ ବାକି ଆଉଟ୍‌ଫିଟ୍‌ଗୁଡ଼ିକୁ ଯେତେ ସିମ୍ପଲ ରଖିବେ ସେତେ ଭଲ ; ଯାହାକି ଷ୍ଟନିଙ୍ଗ୍ ଓ ବ୍ୟୁଟିଫୁଲ୍ ଲୁକ୍ ଦେବ। ଆଉ ଯଦି ବୋଲ୍ଡ କଲର୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ଏହି ଜ୍ୟାକେଟ୍ ପିନ୍ଧିବେ ତା'ହେଲେ ତ ଲୁକ୍ ଅଧିକ ଗର୍ଜିୟସ୍ ଲାଗିବ। ତେବେ ମେଟାଲିକ୍ ଜ୍ୟାକେଟ୍ ସାଙ୍ଗକୁ ହ୍ୱାଇଟ୍ କିମ୍ବା ନେଭି ବ୍ଲୁ କଲର୍‌ର ଆଉଟ୍‌ଫିଟ୍ ପିନ୍ଧଲେ ଏହା ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

* **ଅଲ୍ ବ୍ଲାକ୍ ଲୁକ୍ କ୍ୟାରି କରିପାରିବେ:** ବ୍ଲାକ୍ ଆଉଟ୍‌ଫିଟ୍ ସାଙ୍ଗକୁ ମେଟାଲିକ୍ ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ। ଖାସ୍‌କରି ଶୀତଦିନେ ହେଉଥିବା କୌଣସି ପାର୍ଟିରେ ଯୋଗ ଦେଲାବେଳେ ଯଦି ଝିଅମାନେ ବ୍ଲାକ୍ ସ୍କିନି ଜିନ୍ସ ହେଉ କିମ୍ବା ବ୍ଲାକ୍ କଲର୍‌ର ସିଲ୍କ ଡ୍ରେସ୍ ଉପରେ ଏହି ମେଟାଲିକ୍ ଜ୍ୟାକେଟ୍ ପିନ୍ଧିଥାନ୍ତି, ତା'ହେଲେ ସେମାନଙ୍କ ଲୁକ୍ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ। ଏହି ଲୁକ୍ ସାଙ୍ଗକୁ ଆଙ୍କେଲ୍ ବୁଟ୍ ହେଉ ଅଥବା ନି ହାଇ ବୁଟ୍ ଖୁବ୍ ସୁନ୍ଦର ମାନିଥାଏ।

* **ସ୍ୱେଟର୍ ସହ ପେୟାର୍:** ଯଦି ପାର୍ଟିକୁ ଯିବାବେଳେ ଅଧିକ ଶୀତ ଲାଗୁଥାଏ, ତା'ହେଲେ ବଡି ଫିଟିଙ୍ଗ୍ ସ୍ୱେଟର୍ ସାଙ୍ଗକୁ ମଧ୍ୟ ମେଟାଲିକ୍ ଜ୍ୟାକେଟ୍‌କୁ କମ୍ବାଇନ୍ କରିପାରିବେ। ଖାସ୍ କରି ଟର୍ଟଲନେକ୍ ସ୍ୱେଟର୍ ସାଙ୍ଗକୁ ଏହି ଜ୍ୟାକେଟ୍ ଖୁବ୍ ସୁନ୍ଦର ମାନିଥାଏ। କିନ୍ତୁ ଧ୍ୟାନଦେବେ ଟର୍ଟଲନେକ୍ ସ୍ୱେଟର୍‌ର ରଙ୍ଗ ଯେମିତି ବେଜ୍, କ୍ରିମ୍ ଅଥବା ଗ୍ରେ ଭଳି ନ୍ୟୁଟ୍ରାଲ୍ କଲର୍‌ର ହୋଇଥିବ। ନଚେତ୍ ଲୁକ୍ ମିସ୍‌ମ୍ୟାଚ୍ ଲାଗିବ।

* **ଆସେସରିଜ୍ ଉପରେ ଧ୍ୟାନ :** ମେଟାଲିକ୍ ଜ୍ୟାକେଟ୍ ନିଜେ ହିଁ ଗୋଟେ ଷ୍ଟେଟମେଣ୍ଟ ପିସ୍, ତେଣୁ ଏହା ସାଙ୍ଗକୁ ଯେତେ କମ୍ ଆସେସରିଜ୍ କ୍ୟାରି କରିବେ ସେତେ ଭଲ। ଖାସ୍ କରି ଏହା ସାଙ୍ଗକୁ ଷ୍ଟଡ୍ ଇୟର ରିଂ, ଲାଇଟ୍ ନେକ୍‌ଲେସ୍ ତଥା ସିମ୍ପଲ ୱାଚ୍ କ୍ୟାରି କଲେ ଲୁକ୍ ଭଲ ଦେଖାଯାଇଥାଏ।





ଉଷାଶ୍ରୀ

## ହାଃ ହାଃ

### ପ୍ରେମ

ଶିକ୍ଷକ ଗୋପୀକୁ: ଗୋଟେ ସୁନ୍ଦର ଶାୟରୀ ଶୁଣେଇଲୁ।
ଗୋପୀ: ''ମୋଟା ମର୍‌ତା ମୋଟୀ ପେ, ଭୁଖା ମରତା ରୋଟି ପେ। ମାଷ୍ଟର ଜୀ କେ ହୈ ଦୋ ବେଟୀ। ମେଁ ମରତା ହୁଁ ଛୋଟି ପେ।''

### ସୋନୋଗ୍ରାଫୀ


ରାଜୁ ଡାକ୍ତରଙ୍କୁ: ମୋର କ'ଣ ହେଇଛି ?
ଡାକ୍ତର:ସୋନୋଗ୍ରାଫୀ କରିବାକୁ ପଡ଼ିବ।
ରାଜୁ: ଆଜ୍ଞା ମୁଁ ଗରିବ ଲୋକ। ସୁନାଗ୍ରାଫ୍ରୀ ନ କରି ରୁପାଗ୍ରାଫୀ କି ତମ୍ବାଗ୍ରାଫୀ କରି ଚଳେଇ ନିଅନ୍ତୁ।

### ଡରକୁଳା

ମୋନୁ ପପୁକୁ: ମୋ ବାପା ନା ଭାରି ଡ଼ରକୁଳା।
ପପୁ: ଏମିତି କାହିଁକି କହୁଛୁ ?
ମୋନୁ: ଜାଣିଛୁ ନା, ଆମେ ଯେତେବେଳେ ରାସ୍ତା ପାର୍ ହେଉ ମୋ ହାତକୁ ବାପା ଭିଡ଼ିକି ଧରନ୍ତି। ଆଉ କହନ୍ତି, ମୋ ହାତ ଜମା ଛାଡ଼ିବୁନି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, ଫଟୋ ସୌଜନ୍ୟ-**ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ବେତାବ ଉପତ୍ୟକା

**ଜମ୍ମୁ ଓ କଶ୍ମୀରର ଏକ ମନୋରମ ସ୍ଥାନ ହେଉଛି ବେତାବ ଉପତ୍ୟକା। ବହୁ ଉଚ୍ଚ ଉଚ୍ଚ ପାହାଡ଼, ସବୁଜ ଘାସର ଗାଲିଚା, ବନସ୍ପତି ବୃକ୍ଷରେ ପୂର୍ଣ୍ଣ ଜଙ୍ଗଲ, ନଦୀ ତଥା ହ୍ରଦର ଅପୂର୍ବ ଶୋଭା ଏହି ସ୍ଥାନର ଆକର୍ଷଣକୁ ଆହୁରି ବଢ଼ାଇ ଦେଇଥାଏ। ଖାସ୍ ସେଇଥିପାଇଁ ତ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ...**

ଜମ୍ମୁ ଓ କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ ନାମକ ସ୍ଥାନଠାରୁ ପ୍ରାୟ ୧୫ କି.ମି. ଦୂରରେ ରହିଛି ଏମିତି ଏକ ଆକର୍ଷଣୀୟ ସ୍ଥାନ ; ଯାହାର ପ୍ରାକୃତିକ ଦୃଶ୍ୟ ଏତେ ଶାନ୍ତ, ମନୋରମ ଯେ ଥରେ ଏଠାକୁ ବୁଲିଗଲେ ଆଉ ଫେରିବାକୁ ଇଚ୍ଛା ହେବନି। ଆଉ ଏହି ସ୍ଥାନଟିର ନାଁ କ'ଣ ଜାଣନ୍ତି! 'ବେତାବ ଉପତ୍ୟକା'। କିନ୍ତୁ ପ୍ରକୃତପକ୍ଷେ ଉକ୍ତ ସ୍ଥାନଟିର ନାଁ ସେୟା ନୁହେଁ। ହଜନ ଉପତ୍ୟକା ହେଉଛି ଏହି ସ୍ଥାନଟିର ପ୍ରକୃତ ନାଁ। ହେଲେ ୧୯୮୩ ମସିହାରେ ଅଭିନେତା ସନ୍ନି ଦେଓଲ ଓ ଅଭିନେତ୍ରୀ ଅମ୍ରିତା ସିଂଙ୍କ ଅଭିନୀତ ଫିଲ୍ମ 'ବେତାବ'ର କିଛି ଅଂଶ ଉକ୍ତ ସ୍ଥାନରେ ଶୁଟିଂ କରାଯାଇଥିଲା, ଆଉ ପରବର୍ତ୍ତୀ ସମୟରେ ଫିଲ୍ମଟି ସୁପରହିଟ୍ ହେବା ପରେ ଏହି ସ୍ଥାନଟି 'ବେତାବ ଉପତ୍ୟକା' ନାମରେ ଲୋକମୁଖରେ ପରିଚିତ ହେବାକୁ ଲାଗିଲା। ଅବଶ୍ୟ ଏହାପରେ ବି ଆହୁରି ଅନେକ ଫିଲ୍ମର ଶୁଟିଂ ଏଠାରେ କରାଯାଇଛି ; କିନ୍ତୁ ନାଁ ଆଉ ପରିବର୍ତ୍ତନ ହୋଇନି।

**ପ୍ରମୁଖ ଆକର୍ଷଣ**

ସ୍ଥାନୀୟ ପିର୍ ପଞ୍ଜାଲ ଏବଂ ଜାନସ୍କର ନାମକ ଦୁଇ ପାହାଡ଼ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଏହି ବେତାବ ଉପତ୍ୟକାର ଆକର୍ଷଣ ଏତେ ମନୋରମ ଯେ, ଏହାକୁ କେହି କେହି ଜମ୍ମୁ ଓ କଶ୍ମୀର ସ୍ୱର୍ଗ ବୋଲି ସମ୍ବୋଧନ କରିଥାନ୍ତି। ଏଠାରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ଼, ଆକର୍ଷଣୀୟ ଘାସର ଗାଲିଚା, ନଦୀ, ହ୍ରଦ ଆଦି ଦେଖିବାର ସୁଯୋଗ ପାଇପାରିବେ। କହିବାକୁ ଗଲେ, ପ୍ରକୃତିପ୍ରେମୀଙ୍କୁ ଏଠାରେ ସ୍ୱର୍ଗୀୟ ସୁଖ ଅନୁଭବ ହୋଇଥାଏ। ଏହି ଉପତ୍ୟକାକୁ ପହଲଗାମଠାରୁ ଚାଲିଚାଲି ଯିବାର ଭଲ ସୁବିଧା ରହିଛି। ଏଠାରେ ଦେଖିବାକୁ ମିଳୁଥିବା କେତେକ ବରଫାବୃତ ପାହାଡ଼ର ତଳ ଭାଗରେ ଯେଉଁ ଜଳର ଧାରା ବୋହି ଯାଉଥାଏ, ତାହାର ସ୍ୱଚ୍ଛ, ଥଣ୍ଡା ଜଳକୁ ସ୍ଥାନୀୟ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରିଥା'ନ୍ତି। ପର୍ଯ୍ୟଟକ ବି ଚାହିଁଲେ ଏହି ଜଳକୁ ପିଇ ସନ୍ତୋଷ ଲାଭ କରିପାରିବେ। ତା'ଛଡ଼ା ବୈସରନ ଏବଂ ତୁଲିଅନ୍ ହେଉଛି ଏଠାକାର ଦୁଇ ପ୍ରମୁଖ ହ୍ରଦ। କେବଳ ସେତିକି ନୁହେଁ, ଏଠାରେ କଳକଳ ନାଦ କରି ବୋହି ଯାଉଥିବା ଲିଡର୍ ନାମକ ଏକ ନଈର ଜଳ ବି ପର୍ଯ୍ୟଟକଙ୍କୁ ବେଶ୍ ଆନନ୍ଦ ପ୍ରଦାନ କରିଥାଏ।

**ଟ୍ରେକିଂ ଓ ବେସ୍ କ୍ୟାମ୍ପ ପାଇଁ ସୁବିଧା**


ସୂଚନାନୁଯାୟୀ, ଏହି ଉପତ୍ୟକାଟି ସ୍ଥାନୀୟ ପହଲଗାମଠାରୁ ଚନ୍ଦନୱାଡ଼ି ଯିବା ରାସ୍ତାରେ ହିଁ ପଡିଥାଏ ; ଯେଉଁଠାରୁ ଏକ ମାର୍ଗ ଅମରନାଥ ମନ୍ଦିର ଆଡ଼କୁ ବି ଯାଇଥାଏ। ତେଣୁ ଏହି ସ୍ଥାନକୁ ଅନେକେ ବେସ୍ କ୍ୟାମ୍ପ ଭାବେ ବ୍ୟବହାର କରିଥାନ୍ତି। ତା'ଛଡ଼ା ଏଠାରେ ଟ୍ରେକିଂ କରିବାକୁ ଭଲ ସୁବିଧା ଥିବାରୁ ପ୍ରାୟତଃ ବହୁ ସଂଖ୍ୟାରେ ଟ୍ରେକିଂପ୍ରିୟ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

**କେବେ ଯିବେ**

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଖରାଦିନେ ଏଠାକୁ ବୁଲିଯିବା ସବୁଠୁ ଉପଯୁକ୍ତ ସମୟ ହୋଇଥାଏ। ତଥାପି ବି ଶୀତଦିନେ ତୁଷାରପାତ ସମୟରେ ଏହି ସ୍ଥାନଟିର ଶୋଭା ଦେଖିବାଯୋଗ୍ୟ ହୋଇଥିବାରୁ ଏହି ସମୟରେ ମଧ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

**କେମିତି ଯିବେ**

ଯେଉଁମାନେ ବିମାନ ଯୋଗେ ଯିବାକୁ ଚାହୁଁଛନ୍ତି, ସେମାନେ ଶ୍ରୀନଗର ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟରେ ପହଞ୍ଚି ସେଠାରୁ ଗାଇଡ୍‌ଙ୍କ ପରାମର୍ଶକ୍ରମେ ଏହି ଉପତ୍ୟକା ନିକଟକୁ ଯିବାକୁ ଯୋଜନା କରିପାରିବେ। ଅନ୍ୟପକ୍ଷେ ରେଳଯୋଗେ ଯିବାକୁ ଚାହୁଁଥିଲେ, ପ୍ରଥମେ ଜମ୍ମୁ ତାୱି ରେଳଷ୍ଟେଶନରେ ପହଞ୍ଚି ସେଠାରୁ ସ୍ଥାନୀୟ କୌଣସି ସୁବିଧା ନେଇ ଏହି ଉପତ୍ୟକା ନିକଟକୁ ଯାଇପାରିବେ।






# ପାଣି କେଉଁଠି ମଧୁର ତ କେଉଁଠି ଲବଣାକ୍ତ ଲାଗେ କାହିଁକି



**ଜଳ ରଙ୍ଗହୀନ, ସ୍ୱାଦହୀନ ବୋଲି କୁହାଯାଏ। ହେଲେ ଭିନ୍ନ ଭିନ୍ନ ସ୍ଥାନର ଜଳର ସ୍ୱାଦ କିନ୍ତୁ ଭିନ୍ନଭିନ୍ନ ଲାଗେ। ଅର୍ଥାତ୍ କେଉଁଠି ଜଳ ମଧୁର ତ କେଉଁଠି ଲବଣାକ୍ତ ଲାଗେ। ହେଲେ ଏଭଳି କାହିଁକି ହୁଏ, ଜାଣନ୍ତୁ ସେ ସମ୍ପର୍କରେ...**

ଜଳ ବିନା ଜୀବନ ଅସମ୍ଭବ। ହେଲେ କେବେ ଭାବିଛନ୍ତି କି ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ପାଣିର ସ୍ୱାଦ ଅଲଗା ଅଲଗା କାହିଁକି ହୋଇଥାଏ ? ଗୋଟିଏ ଗ୍ରହରେ ଥାଇ ବି ଭିନ୍ନ ଭିନ୍ନ ସ୍ଥାନର ଲୋକେ ଭିନ୍ନ ଭିନ୍ନ ସ୍ୱାଦର ପାଣି କାହିଁକି ପିଅନ୍ତି ?

ତେବେ ପ୍ରକୃତରେ କହିବାକୁଗଲେ ବିଶୁଦ୍ଧ ଜଳର କୌଣସି ସ୍ୱାଦ ନ ଥାଏ। ହେଲେ ଯେବେ ଜଳ ଭୂମି ଭିତର ଦେଇ ଯାଏ ତାହା ବିଭିନ୍ନ ଖଣିଜ ପଦାର୍ଥ ସଂସ୍ପର୍ଶରେ ଆସେ। ଆଉ ଏହି ଖଣିଜ ପଦାର୍ଥ ଜଳରେ ମିଶିଯିବା ପରେ ଜଳର ସ୍ୱାଦ ପରିବର୍ତ୍ତନ ହୋଇଯାଏ। ପାଣିରେ ମିଶିଥିବା ଖଣିଜ ପଦାର୍ଥ ଯେମିତିକି କ୍ୟାଲସିୟମ୍, ମ୍ୟାଗନେସିୟମ୍, ସୋଡିୟମ୍ ଓ ପଟାସିୟମ୍ ଆଦିର ମାତ୍ରା ଜଳର ସ୍ୱାଦକୁ ପ୍ରଭାବିତ କରିଥାଏ। ଏହାବାଦ ଯେଉଁଠୁ ଜଳ ବାହାରିଥାଏ ସେଠାକାର ଭୂଗର୍ଭୀୟ ସଂରଚନା ବି ପାଣିର ସ୍ୱାଦକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ,ଚୁନପଥର ଥିବା ଅଞ୍ଚଳର ଜଳ କ୍ୟାଲସିୟମ ଯୁକ୍ତ ହୋଇଥାଏ। ଫଳରେ ଜଳ ସ୍ୱାଦ ଭିନ୍ନ ହେବାସହ ଜଳ କିଛିଟା କଠୋର ବି ହୋଇଯାଏ।

ଏହାବାଦ ସମସ୍ତେ ଜାଣନ୍ତି ଯେ, ଜଳଚକ୍ର ଯୋଗୁ ପ୍ରଥମେ ଜଳ ବାଷ୍ପରେ ପରିଣତ ହୁଏ। ତା'ପରେ ମେଘରେ ପରିଣତ ହୁଏ ଓ ପରେ ତାହା ବର୍ଷା ଅବା ତୁଷାରପାତ ରୂପରେ ଭୂମିକୁ ଆସିଥାଏ। ଏହି ପ୍ରକ୍ରିୟା ଭିତରେ ପାଣି ବିଭିନ୍ନ ପ୍ରକାରର ପଦାର୍ଥ ସମ୍ପର୍କରେ ଆସିଥାଏ। ଯାହାକି ଜଳର ସ୍ୱାଦକୁ ପ୍ରଭାବିତ କରିଥାଏ।

ଏହାବାଦ ପାଣିର ପିଏଚ୍ ସ୍ତର ବି ପାଣିର ସ୍ୱାଦକୁ ପ୍ରଭାବିତ କରିଥାଏ। ଅମ୍ଳୀୟ ପାଣି ଖଟା ଲାଗିଥାଏ। ହେଲେ କ୍ଷାରୀୟ ଜଳ ଲବଣାକ୍ତ ଲାଗେ। ସେହିଭଳି ବିଭିନ୍ନ ପ୍ରକାରର ଗ୍ୟାସ୍ ଯେମିତିକି ଅମ୍ଳଜାନ, କାର୍ବନ ଡାଇଅକ୍ସାଇଡ ଆଦି ଜଳରେ ମିଶିଲେ ବି ପାଣିର ସ୍ୱାଦ ବଦଳିଥାଏ।



# ସାପ ସହ ଶୁଏ କୁନି ଝିଅ

ସାପ ବିଷାକ୍ତ ହେଉ କି ନ ହେଉ, ତଥାପି ଏହାକୁ ସମସ୍ତେ ଭୟ କରନ୍ତି। ଏହାକୁ ଦେଖିବା ମାତ୍ରେ ଭୟରେ ଯିଏ ଯୁଆଡେ ପଳାନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏକ ୯ ବର୍ଷର ଝିଅ ଶୋଇବାବେଳେ ଟେଡିକୁ ନୁହେଁ ବରଂ ୧୮ଟି ଅଜଗର ସାପକୁ କୁଣ୍ଢେଇ ଧରି ଶୁଏ। ଆଉ ତା'ଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି କୁନିଝିଅର ମା' ବାପା ହିଁ ଅନୁମତି ଦେଇଛନ୍ତି ସେହି ସାପ ସହିତ ଶୋଇବାକୁ। କେବଳ ସେତିକି ନୁହେଁ ଏହି କୁନି ଝିଅର ଘରେ ୨୦୦ ସାପ ସବୁବେଳେ ଏଣେ ତେଣେ ଖୋଲାଖୋଲିଭାବେ ବୁଲନ୍ତି। ଦ ସନ୍ ୱେବସାଇଟ୍‌ର ରିପୋର୍ଟ ମୁତାବକ ଏରିଆନା ନାମକ ଏହି କୁନି ଝିଅର ବାପା ହେଉଛନ୍ତି ସୋକ୍ରେଟିସ୍ ଓ ମା' ଜେନ୍। ସେମାନେ ସାପକୁ ଏତେ ଭଲ ପାଆନ୍ତି ଯେ ଘରେ ଅନେକ ସାପ ପାଳିଛନ୍ତି। ଆଉ ଏରିଆନା ଏହି ସାପଗୁଡ଼ିକୁ ଦିନ ସାରା ଧରି ବୁଲନ୍ତି। ଶୋଇବା ବେଳେ ସେ ନିଜର ପ୍ରିୟ ୧୮ଟି ଅଜଗର ସାପକୁ ଧରି ଶୁଅନ୍ତି। ହେଲେ ଏରିଆନାଙ୍କ ସାନ ଭାଇକୁ ସାପ ଆଦୌ ଭଲ ଲାଗନ୍ତି ନାହିଁ। ତଥାପି ସେ ଆଡଜଷ୍ଟ କରନ୍ତି। ଏରିଆନାଙ୍କ ବାପା ସୋକ୍ରେଟିସ୍ କୁହନ୍ତି, 'ଆମ ଘରେ ଏତେ ସାପ ଥିଲେ ହେଁ, ଗୋଟେ ବି ବିଷଧର ନୁହନ୍ତି। ତେଣୁ ପିଲାଙ୍କ ପାଇଁ ଏହି ସାପ କ୍ଷତିକାରକ ନୁହନ୍ତି।'



# ସେଲିବ୍ରେସନର ମଉଜ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

**ଯ**ଦି ଯେବେ ଯିଏ କହିବେ ଆମେ ପଛୁଆ-ବୋକା, ଯୁଗୋପଯୋଗୀ ନୁହଁ ବୋଲି, ଏକଥା ଆମେ ମାନିବୁନାହିଁ। ଯେଉଁଠି ପାଶ୍ଚାତ୍ୟ ଶିକ୍ଷା-ସଭ୍ୟତା ଗାଁ ଠୁ ସହର, ପଲ୍ଲୀ ଠାରୁ ଦିଲ୍ଲୀ ଧସେଇ ପଶିଲାଣି, ସେଇଠି ଆମେ ପୁରୁଣାକାଳିଆ କଛାମରା ଧୋତି ଆଉ କଣ ପିନ୍ଧିବା କି ? ଏବେପରା ଅର୍ଡର କରିଦେଲେ ଅଳପ ସମୟରେ ଖାଦ୍ୟ ପୋଷାକ ଯନ୍ତ୍ରପାତି... ସବୁକିଛି ଘରେଆସି ପହଞ୍ଚିଯାଉଛି ! ତେବେ ଆମେ ପଛୁଆ ହେଲୁ କେମିତି ? ମୁଁ ଭାବୁଛି ଆଗକୁ ନବଜାତ ଛୁଆ ଅର୍ଡର କଲେ ବି ପାର୍ସଲରେ ନମିଳିବ ବୋଲି କହିହେବନି। ବାକି ରହିଲା ପାର୍ଟି ମଉଜ ଭୋଜିଭାତ କଥା। ସେଥିରେ ମଧ୍ୟ ଆମେ କୋଉ ପଛରେ ଅଛେ କି ? ଏବେ ପାର୍ଟି ବୋଇଲେ ‘‘ଟ’’ରେ ନୁହଁ ବରଂ ପିଆ ପିଇଟା ସର୍ବାଗ୍ରେ ରହୁଛି। ତା’ପରେ ଜୀବ ମାରିଣ ମାଂସ ଖାଇ, ସେ ମଣିଷ ଅବଶ୍ୟ ସ୍ୱର୍ଗେ ଯାଇ.. ବୋଲି ଲୋକେ ବୁଝି ସାରିଲେଣି। ଏଇ ନଗଦରେ ନୂଆବରଷ ପାଇଁ ଅଙ୍ଗ୍ରେଜିଆ ସେଲିବ୍ରେସନ କଥା କହୁଛି। ନୂଆବର୍ଷ ସିନା ସରିଗଲାଣି କିନ୍ତୁ ତା ଇଫେକ୍ଟ କଥାଟି ନକହିଲେ ହେବନି। ତେମେ ଆପଣେ ଟିକେ ମନଦେଇ ଶ୍ରବଣ ପଠନ ଯେବେ କରିବେ, ଆଉ କଥାଟି ଘେନିବେ, କହିବି। ଆଜିକାଲି ଆମେ ପୁରୁଣା ବରଷକୁ ବିଦାୟ ଓ ନୂଆ ବରଷକୁ ସ୍ୱାଗତ ଯେବେ ଡିସେମ୍ବର ରାତିରେ ଠିକ୍ ରେ ଶହେକେ ସତୁରି ମାଉଁସ ଭୋଜି ଖାଇ, ବିଦେଶୀ ପାନୀୟ ଭଲରେ ନ ପିଇ, ଗୋଡ-ହାତ ଆଛାକରି କଚାଡି ଛାଟିପିଟି ହୋଇ ପାର୍ଟନର ସଙ୍ଗେ ନ ନାଚିବା, ତେବେ ଭଲରେ ପୁରୁଣା ଯିବନି କି ନୂଆବର୍ଷ ବି ରୁଷିକି ଆସିବନି ବୋଲି କେତେ ଟଙ୍କା ଆଉ ସମୟ ସାରି କେଡେକେଡେ ଆୟୋଜନ ଚାଲିଲା। କିଛି ନହେଲେ ବିଅରରେ ତ ଚିୟର କରି ହା.. ପି.. ନିୟୁ ଇୟର କହିବାକୁ ପଡ଼ିବ ନା ! ନଚେତ ବନ୍ଧୁ ଓ ବରଷ.. ଉଭୟ ହେବେ ବିରସ ! ଆମ ଦେଶରେ ଦେଶୀ ପାନୀୟଜଳ ଅଭାବରେ ଖରାଦିନେ ସିନା ଲୋକେ ତହଳ ବିକଳ ହୁଅନ୍ତି, ଗଡିଆ ପୋଖରୀ ପାଣି ପିଇ ବଞ୍ଚିବା ଅଭ୍ୟାସ କରନ୍ତି, ହେଲେ ଏ ବିଦେଶୀ ବୋତଲ ପାନୀୟ କେବେ ଅଭାବ ହେବା ଶୁଣିନାହୁଁ। ଏଇ ପିଇବା ମହିମା ବିଷୟରେ ଶୁଣନ୍ତୁ !

ସବୁଠି ସବୁ କାମରେ ଲୋଡ଼ା ପଡ଼ିଲାଣି। ବିଭାଘର, ବ୍ରତଘର, ମଲା ମଣିଷ ଦାହ ଠାରୁ ଶୁଦ୍ଧଘର, ଭୋଜିଭାତ, ପିକନିକ, ପୂଜା ପାର୍ବଣ.. ଏମିତି ସବୁ କାମରେ ତାର ଆଦର ବଢ଼ିଲାଣି। ଆମେ ଭୁଲରେ ଭାବିବା ନାହିଁ ଯେ କେବଳ ଟୋକା ବୁଢ଼ା ପିଇବାରେ ଯୋଗ୍ୟତା ହାସଲ କରିଛନ୍ତି, ଆଉ ନାରୀ ଯୁବତୀ ଛାତ୍ରୀ ଏସବୁରେ ମୁଣ୍ଡ ପୁରାନ୍ତିନି ବୋଲି ! ସମସ୍ତେ ସମତାଳରେ ଆଗେଇଛନ୍ତି। ସେଇ ନ୍ୟାୟରେ ଗୋଟେ ଅନୁଷ୍ଠାନର ସଭାପତି, ସବୁ ପତି-ମେମ୍ବର ମାନଙ୍କୁ ଜଣାଇଦେଲେ ଯେ, ଯିଏ ଯାହାର ପାର୍ଟନର ସାଙ୍ଗରେ ଏକତିରିଶ ଡିସେମ୍ବରରେ ଅମକେଇ ଷ୍ଟାର ହୋଟେଲରେ ଇଭିନିଙ୍ଗ ମାନେ ସମାନ ସନ୍ଧ୍ୟା ସାତୁଟା ସମୟରେ ପହଁଚିବେ। ସେଇଠି ଜିରୋ ନାଇଟ୍ ସେଲିବ୍ରେସନ ହେବ। ଏଇ ଅନୁଷ୍ଠାନର ସବୁ ମେମ୍ବର ଉଚ୍ଚ ଶିକ୍ଷିତ ତଥା ସମ୍ପୂର୍ଣ ଭଦ୍ର ଶ୍ରେଣୀର। ସମସ୍ତେ ନ ହେଲେ ବି ଅଧିକାଂଶ ଜାଣନ୍ତି ଜିରୋ ନାଇଟ୍ ମାନେ କିଛି ମୋର ତୋର, ସାନବଡ଼, ଜାତି ଅଜାତି ଭାବ ରହିବନି। ସମସ୍ତେ ପୂର୍ଣ୍ଣ ଏକାକାର ହୋଇଯିବା। ସାହୁବାବୁ ତାଙ୍କ ଅଳପ ମଫସଲୀ ଗାଉଁଲି ପତ୍ନୀଙ୍କୁ ତାଗିଦ୍ କରି କହିଲେ, ମୋ ସାଥୀରେ ଯିବ ତ ଅତ୍ୟାଧୁନିକ ପରିପାଟୀରେ ଚାଲ, ନହେଲେ ନାହିଁ। ଇଛା ନଥିଲେ ବି ବାଧ୍ୟରେ ପତ୍ନୀ, ପତିଙ୍କ ପଦାଙ୍କ ଅନୁସରିଲେ। ବଡ ସୁନ୍ଦର ଭାବରେ



ସଞ୍ଜବୁଡ଼ରୁ ରାତି ବାରର ବାଡ଼ ଡେଇଁଲା ସବୁ ରକମର ଖିଆ, ଡିଆଁ ଡେଇଁ, ପିଆପିଇ କରି। ହାପି ନିୟୁ ଇୟର, ହାପି ନିୟୁ ଇୟର କହି ତଥା ପରସ୍ପରକୁ କୋଳା-କୋଳି କରି ଇଂରାଜୀ ନୂଆବର୍ଷକୁ ଆମ ଦେଶରେ ପୂରାଇ ସାରିଲା ପରେ ଘରକୁ ନିଶାରେ ଚୁର୍ ହୋଇ ଯେ ଯାହା ଘରକୁ ଫେରିଲେ।

ହଠାତ ରାତି ତିନିଟାରେ ସାହୁ ବାବୁଙ୍କ ଶୋଇବା ଘରୁ ଚିତ୍କାର ଶୁଭିଲା... ଓଃ ମାଇଁ ଗଡ଼ ! ଏ ବେବି କାହାର ? ମୋ କୋଳକୁ କେଉଁଠୁ ଆସି କଣ ଅଣ୍ଡାଳୁଛି ? ସାହୁବାବୁ ମଦୁଆ-ନିଦୁଆ ଆଖି ମଳି କହିଲେ, ନୂଆ ନୂଆ ଡ୍ରିଙ୍କ୍ସ କରି ନିଜ ଛୁଆକୁ ଚିହ୍ନି ପାରୁନା ? ଛୁଆକୁ ତୁନିକରି ଚୁପଚାପ୍ ଶୋଇପଡ଼। ରାତି ଅଧରେ ପାଟି କରନି। ସେପଟେ ତାଙ୍କ କଣ୍ଠରୁ ତୀକ୍ଷ୍ଣ ବାକ୍ୟ-ବାଣ ବର୍ଷଣ।.. ହେଃ କେଡ଼େ ନିର୍ଲ୍ଲଜ ମ ! ଗ୍ଲାମର ଖସିଯିବ ବୋଲି ତମେ ପରା ପାଞ୍ଚବର୍ଷ ହେଲା ମୋତେ ମା’ କରାଇଦେଇନ ! ଆରେ ମୋର ତ ଗର୍ଭଶୂନ୍ୟ, ରାତି ଅଧିଆ କୋଳରେ ଛୁଆ କେମିତି ଆସିଲା। ତମ ନିଶା ଖସିନି ବୋଧହୁଏ ? ସାହୁବାବୁ କହିଲେ.. ‘‘କ୍ୟାଲେଣ୍ଡର ବର୍ଷ ବଦଳିବା ସାଙ୍ଗରେ ତମ ପ୍ରକୃତି କଣ ବଦଳିଗଲା ? ଆଠମାସିଆ ଛୁଆର ମାଆ, କହୁଛ ଗର୍ଭଧାରଣ ଏଯାଏଁ କରିନ ? ଯାହା ଜଣାପଡୁଛି ତମକୁ ରାଞ୍ଚିକୁ ନେବାକୁ ପଡିବ। ପାଟି ନକରି ଛୁଆକୁ ଖୁଆଇ ଶୋଇଯାଅ.. ଭଲରେ କହୁଛି।’’ ରାଞ୍ଚି କଥା ଶୁଣି ରାଗିପାଚି ଚିତ୍କାରକରି କହିଲେ ପତ୍ନୀ, ଆରେ ମତେ କଣ ପାଗଳୀ ଭାବିଛ ? ତମେ ପାଗଳ। ତମ ବଉଁଶ ପାଗଳ..! ଖଟରୁ ଡେଇଁ ଲାଇଟ୍ ଜଳେଇ ଆହୁରି ଜୋରରେ ଗର୍ଜିଲେ ସେ। ଆରପଟେ ସାହୁବାବୁଙ୍କ ମା’ ଶୋଇଥିଲେ। ନିଦରୁ ଉଠି ଦୁଆରେ ଡାକିଲେ.. ଦନେଇ ! ଦନେଇରେ ! କଣ ହେଲା କାହିଁ ପାଟି କରୁଛ ? ଏବେ ଦୁଆର ଖୋଲି ଆହୁରି ବଡ଼ପାଟି କଲେ। ମାଆ ମଧ୍ୟ ବାହୁନା ପକେଇ କାନ୍ଦିବାରୁ, କମ୍ବଳ ଫୋପାଡ଼ି ସାହୁବାବୁ ଉଠି ଅଧା ନିଶା ଖସିଥିବା ଆଖିରେ ଅନେଇଁ କହିଲେ.. ଆରେ ବର୍ଷ ବଦଳିଲା ବୋଲି ମୋ ସ୍ତ୍ରୀର ଗୁଣ ସାଙ୍ଗରେ ରୂପ କେମିତି ବଦଳିଗଲା ମୁଁ ବୁଝି ପାରୁନି ! ମାଆ ରଡ଼ି ଛାଡ଼ି କହିଲେ... ଆରେ ଦନେଇ ! ମୋ ବୋହୁକୁ ଛାଡ଼ି, ଏ କାହାକୁ ନେଇକି ଆସିଛୁ। ଇଏ କିଏ ? ଏବେ ବୁଝିଲେ ସାହୁବାବୁ ଯେ, ଏମିତି ହେଲା କେମିତି ?

ସାହୁବାବୁ ମାଆକୁ ଓ ଅପରିଚିତା ନାରୀଙ୍କୁ ଅନୁରୋଧ କଲେ ପାଟି ଅଧିକ ନକରିବାକୁ। ନଇଲେ ସାହି କଲୋନୀ ପଡୋଶୀ ଜାଣିଲେ ବଡ଼ ମୁସ୍କିଲ। ସେ ଏବେ ବୁଝିଲେ ଇଏ ତାଙ୍କ ସାହୁଆଣି ନୁହନ୍ତି, ବରଂ ଭୁଲରେ ଉଭୟଙ୍କ ନିଶାଖୋର ଅବସ୍ଥାର ଫଳ ସ୍ୱରୂପ ମିସେସ ନାୟକ ଆସିଯାଇଛନ୍ତି। ମିସେସ ନାୟକ କହୁଥିଲେ ଦେଖନ୍ତୁ ସାହୁବାବୁ ଗାଡ଼ି ଏକ୍ସଚେଞ୍ଜ କମ୍ପିଟିସନ୍ ଆପଣମାନେ କରୁଥିଲା ବେଳେ ମୁଁ ହ୍ୟାଙ୍ଗ ଓଭରରେ କେମିତି ଆପଣଙ୍କ ଗାଡିକୁ ଆସିଯାଇଛି ଜାଣିନି। ଗାଡି ଏକ୍ସଚେଞ୍ଜରୁ ଦେଖନ୍ତୁ ୱାଇଫ ଏକ୍ସଚେଞ୍ଜ ହୋଇ ଯାଇଛି। ଏବେ ମୋ ଲାଇଫ୍ ବରବାଦ। ଏ ହାପି ନିଉ ଇୟର ମର୍ଣ୍ଣିଙ୍ଗରୁ ଅନ୍ ହାପି ହୋଇଗଲା। ମୁଁ କେମିତି ତାଙ୍କୁ ମୁହଁ ଦେଖେଇବି, କୋଉ ସାହସରେ ଯିବି ? ଆଉ ସାହୁବାବୁ ବି ଭାବୁଥିଲେ ୟାଙ୍କୁ କେମିତି ଛାଡ଼ି ମୋ ପତ୍ନୀଙ୍କୁ ଆଣିବି ? ସାହୁବାବୁ ତାଙ୍କୁ ବୁଝେଇ କହୁଥିଲେ.. ଏଇଟା ଗୋଟେ ସିଲି ମ୍ୟାଟର। ଜିରୋ ନାଇଟ୍ ସେଲିବ୍ରେସନରେ କ୍ୟାଲେଣ୍ଡର ବଦଳୁ ବଦଳୁ ଏମିତିବି ଅଦଳ ବଦଳ ହୋଇଯାଏ। ଡୋଣ୍ଟ ୱରି ମିସେସ ନାୟକ। ୟୁ ଆର ଲୁକିଙ୍ଗ ସୋ ବିୟୁଟିଫୁଲ ଟୁ ଡେ। ସାହୁବାବୁ ଯାହା କିଛି ଭିତରେ ଭିତରେ କୁରୁଳୁଥାନ୍ତେ ପିଲାଟା ରଡି ଛାଡ଼ି କାନ୍ଦିବାରୁ ଛାନିଆଁ ହୋଇ ସିଧା ଗାଡ଼ି ଭିତରକୁ ମାରିଲେ ଡିଆଁ। ପିଲା ସହ ସାରା ଘରଟାକୁ ସମ୍ଭାଳୁଥିବା ତାଙ୍କ ଧର୍ମପତ୍ନୀଙ୍କୁ କେମିତି ଘରକୁ ଆଣିବେ, ସେଇ ଗୋଟିଏ ଚିନ୍ତା ଏବେ ତାଙ୍କର।

*-ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ*
*ମୋ: ୭୦୦୮୧୮୮୮୪୭*


## ସମୀକ୍ଷାୟନ

### ଦିବ୍ୟାଲୋକ ସନ୍ଧାନେ

**ଜାନୁଆରୀ -୨୦୨୫ ସଂଖ୍ୟା, ମୂଲ୍ୟ -୩**

**ମୁଖ୍ୟ ସମ୍ପାଦକ:ଡଃ ଶରତ କୁମାର ରଥ। ତେଲେଙ୍ଗାପେଣ୍ଠ, କଟକ**


**ଦୀ**ର୍ଘ ୨୪ ବର୍ଷ ହେଲା ନିୟମିତ ପ୍ରକାଶିତ ହୋଇ ଆସୁଥିବା ଓଡ଼ିଶାର ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ‘ଦିବ୍ୟାଲୋକ ସନ୍ଧାନେ’ ର ଜାନୁଆରୀ ସଂଖ୍ୟା ଆମର ହସ୍ତଗତ ହୋଇଛି। ମାଳିକା ବର୍ଣ୍ଣିତ କଲ୍କୀ ପ୍ରକୃତ ରେ କିଏ, ସେ ବିଷୟରେ ସିଦ୍ଧାନ୍ତ ଭିତ୍ତିକ ତତ୍ତ୍ୱ କଥା ସ୍ଥାନ ପାଇଛି ସିଂହଦ୍ୱାର ସ୍ତମ୍ଭରେ। କଥା କହୁଥିବା ଦେବୀ ପ୍ରତିମା, ମୁଁ କାହିଁକି ସାଧୁ ହେଲି, ଦେବର୍ଷି ନାରଦଙ୍କ ଲୋକପ୍ରିୟ ସ୍ତମ୍ଭ’ ନାରାୟଣ... ଶ୍ରୀମନ ନାରାୟଣ, ଶ୍ରୀସନ୍ୟାସୀ ଜୀ ଙ୍କ ସମସ୍ୟା ଓ ସମାଧାନ, ଧାରାବାହିକ ଭାଗବତ କଥା, ଡଃ ଅଭିମନ୍ୟୁ ବରାଳଙ୍କ ଶ୍ରୀରାମ ସୁଧାନିଧି,ସ୍ୱାମୀ ଅଦୈତାନନ୍ଦଙ୍କ ସାକ୍ଷାତକାର, ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଧାରାବାହିକ ଶ୍ରୀଜଗନ୍ନାଥ କଥାମୃତ,ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଙ୍କ ଧ୍ୟାନାକର୍ଷଣକାରୀ ସ୍ତମ୍ଭ ରହସ୍ୟବାଦୀ ସୁଫି ସନ୍ଥ ରାବିୟା, ଚିତ୍ତରଞ୍ଜନ ଚିରଂଜିତ ଙ୍କ ଇଶ୍ୱର ଆସିଥିଲେ, ଅଲେଖ ମିଶ୍ର ଙ୍କ ଭାଗ୍ୟଦେବୀ ସବୁ ଦେଇଦେଲେ, ଅର୍ଜୁନୀ ଚରଣ ବେହେରା ଙ୍କ କୃଷ୍ଣ - ଦୁର୍ଯ୍ୟୋଧନ ଜବାବସୁଆଲ, ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ଧର୍ମଦର୍ଶନ, ବିଜ୍ଞାନ ଓ ନଟରାଜ ଶିବ,ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ଙ୍କ ଆଧ୍ୟାତ୍ମିକତା ର ମର୍ମ, ପ୍ରଣତି ଆଚାର୍ଯ୍ୟ ମିଶ୍ର ଆଦିଙ୍କ ମୂଲ୍ୟବାନ ଲେଖା ସ୍ଥାନିତ ହୋଇଛି।




### ଭକ୍ତି ଅର୍ଘ୍ୟ

**ତନ୍ମୟୀ ମହାରଣା, ପ୍ରକାଶକ- ସତ୍ୟ ନାରାୟଣ ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ-୨, ମୂଲ୍ୟ- ୧୪୦ଟଙ୍କା**

**ଭ**କ୍ତି ଅର୍ଘ୍ୟରେ ୧୦୦ଟି କବିତା ରହିଛି । ସମସ୍ତ କବିତା ଜଗନ୍ନାଥଙ୍କୁ ସମର୍ପଣ କରି ଭକ୍ତିଭାବରେ ରଚନା କରାଯାଇଛି। ମହାପ୍ରଭୁ ହେଉଛନ୍ତି ଅନନ୍ତ ଓ ଅସୀମ। ଯାହାଙ୍କର କୌଣସି ଆଦି ଅନ୍ତ ନାହିଁ। ସେହି ପ୍ରଭୁଙ୍କ ବିଭିନ୍ନ ଅନୁଭବକୁ ନେଇ ଲେଖିକା ଭକ୍ତି ଅର୍ଘ୍ୟ ରଚନା କରିଛନ୍ତି । ସତରେ କ’ଣ ତୁ ଆଖି ନ ଥିବା କାନ ନ ଥିବା/ ହାତ ନ ଥିବା ଅସମ୍ପୂର୍ଣ୍ଣ ଦିଅଁ/ଯଦି ତୁ ଅସମ୍ପୂର୍ଣ୍ଣ ତେବେ କ’ଣ ସମ୍ପୂର୍ଣ୍ଣ/କାହିଁକି ଧରିଲୁ ଏ ରୂପ ଏ ବର୍ଣ୍ଣ ।(ପୂର୍ଣ୍ଣବ୍ରହ୍ମ-ପୃଷ୍ଠା ୯୬)। କବି ଏଠାରେ ଜଗନ୍ନାଥଙ୍କୁ ଅସମ୍ପୂର୍ଣ୍ଣ ନୁହେଁ, ସ୍ୱୟଂ ସମ୍ପୂର୍ଣ୍ଣ ବୋଲି କହୁଛନ୍ତି। ବ୍ରହ୍ମର ବ୍ରହ୍ମ ଅନାଦି ଅନନ୍ତ। ସେହିପରି ମନ୍ଦିର ଚୂଳରେ ଫରଫର ଉଡେ/ନୀଳଚକ୍ର ନେତ ମୁହିଁ/ତରିଯାନ୍ତି କେତେ ପାପୀ ଓ ପତିତ/ମୋହରି ମୁହଁକୁ ଚାହିଁ।(ପତିତପାବନ-ପୃଷ୍ଠା ୭୯)। ନୀଳଚକ୍ରକୁ ଚାହିଁ, ଭକ୍ତ ତରିଯାଉଛନ୍ତି ବୋଲି ଲେଖିକା ବର୍ଣ୍ଣନା କରିଛନ୍ତି । ଯାହା ସୁଖପାଠ୍ୟ ହେବାସହ ବେଶ୍ ଭାବଭରା।




### ଓଦାମାଟିର ବାସ୍ନା

**ଆଶୁତୋଷ ଧଳ, ପ୍ରକାଶକ- ବର୍ଷା ପବ୍ଲିକେଶନ୍ ନୟାପଲ୍ଲୀ, ଭୁବନେଶ୍ୱର-୧୨, ମୂଲ୍ୟ-୨୦୦ ଟଙ୍କା**

**ଏ**ଥିରେ ୨୯ଟି ଗଳ୍ପ ପ୍ରକାଶିତ ହୋଇଛି। ଶେଷ ଗଳ୍ପର ନାମ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି । ଗାଳ୍ପିକ ଧଳ ପ୍ରତି ଗଳ୍ପରେ ନିଜସ୍ୱ ଭାବ, ଭାଷା ଓ ଶୈଳୀ ଏବଂ ବିଭିନ୍ନ ଚରିତ୍ରର ପରିସ୍ଫୁଟନ କରିପାରିଛନ୍ତି ଯାହାକି ବେଶ୍ ସ୍ୱତନ୍ତ୍ର। ଏଠାରେ ଶେଷଗଳ୍ପକୁ ଉଦାହରଣ ଭାବେ ନିଆଯାଇ ପାରେ, ଯେଉଁଥିରେ ଗାଳ୍ପିକ ସୌରଭ ଓ ଲୁସି ଚରିତ୍ରକୁ ବେଶ୍ ଚମତ୍କାରଭାବେ ଉପସ୍ଥାପନା କରିଛନ୍ତି। କେମିତି ଉଭୟ ଏଆରପୋର୍ଟରେ ଓହ୍ଲାଇ ବର୍ଷାରେ ଭିଜୁଛନ୍ତି ତା’ର ବର୍ଣ୍ଣନା ସହିତ ଗଳ୍ପକୁ ଯେମିତି ସୁନ୍ଦର ଭାବେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଇଛନ୍ତି ତାହା ହେଉଛି ଏହାର ବୈଶିଷ୍ଟ୍ୟ। ସେହିପରି ପ୍ରେମର ପରିଭାଷା ଗଳ୍ପରେ ଗାଳ୍ପିକ ଦୁଇବନ୍ଧୁ ଅଭିଳାଷ ଓ ସୁଧୀରଙ୍କ ସମ୍ପର୍କର ଅବତାରଣା ହୋଇଛି। ତା’ସହିତ ସ୍ୱାମୀଙ୍କୁ କରୋନା ସମୟରେ ହରେଇଥିବା ସୁଧୀରଙ୍କ ସ୍ତ୍ରୀଙ୍କର ମୃତ୍ୟୁ ପୂର୍ବର ସେବା ଶୁଶ୍ରୁଷା ସମ୍ପର୍କ ବର୍ଣ୍ଣନା କରିଛନ୍ତି । ପୁସ୍ତକର ଯେ କୌଣସି ଗଳ୍ପ ପଢନ୍ତୁ ତାହା ମନଛୁଆଁ ଓ ହୃଦୟସ୍ପର୍ଶୀ ।



ବ୍ୟାକ୍ ପେଜ୍



# ହ୍ୱିଲ ଚେୟାରରେ ପୁଲ ଅପ୍ସ

ସିରିଆର ଅଦନାନ ଅଲମୁସା ଅଲଫର୍ମଲିଙ୍କୁ ଯେତେବେଳେ ମାତ୍ର ୧୪ ବର୍ଷ ବୟସ ହୋଇଥିଲା, ତାଙ୍କ ଗୋଡରେ ଗୁଳି ବାଜିଥିଲା । ଫଳରେ ତାଙ୍କର ପୁରା ଶରୀର ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଗଲେ । ଅନେକ ଅସ୍ତ୍ରୋପଚାର ହେବାପରେ କିଛିଟା ଉନ୍ନତି ହେଲା । ହେଲେ ଗୋଡ ଅକାମୀ ହୋଇ ରହିଗଲା । ଏହାପରେ ଅଦନାନ ଓ ତାଙ୍କ ପରିବାର ଭଲ ଜୀବନ ଜିଇଁବା ଲାଗି ସ୍ପେନ ଚାଲିଗଲେ । ସେଠାରେ ପରିବାର ଓ ପ୍ରିୟ ବନ୍ଧୁମାନଙ୍କ ସହଯୋଗରେ ସେ କଠିନ ପରିଶ୍ରମ କରି ଜଣେ ଆଥ୍‌ଲିଟ୍ ହେବାରେ ସଫଳ ହେଲେ । ନିଜ ହ୍ୱିଲ ଚେୟାରରେ ବସି ବସି ସେ ୭୧.୮ ପାଉଣ୍ଡ ଭାର ଟେକି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ । ଏହାବାଦ ସେ ସେଇ ହ୍ୱିଲ ଚେୟାରରେ ବସି ଏକ ମିନିଟରେ ସର୍ବାଧିକ ପୁଲ ଅପ୍ସ କରି ମଧ୍ୟ ରେକର୍ଡ ସୃଷ୍ଟି କରିଛନ୍ତି । ଏହାବାଦ ସେ ଜଣେ କଣ୍ଟେଣ୍ଟ କ୍ରିଏଟର୍ ବି । ଅଦନାନ୍‌ଙ୍କ ଦୃଢମନୋବଳ ସହ ପରିବାର ଓ ବନ୍ଧୁମାନଙ୍କ ସହଯୋଗ ଯୋଗୁ ସେ ନିଜର ଶାରୀରିକ ଅକ୍ଷମତାକୁ ପରାସ୍ତ କରିପାରିଲେ । ଆଉ ସାରା ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କଲେ ।

# ଜୋତା କି ଖେଳଣା ନୁହେଁ, ଏ ହେଉଛି ଗାଡ଼ି






ଫଟୋରେ ଥିବା ଏହି ସାଣ୍ଡେଲ, ଟେନିସ୍ ବଲ, ଭଲି ବଲ ଓ ବର୍ଗର ଆଦିକୁ ଦେଖି ଭାବୁଥିବେ ଏସବୁକୁ ଏତେ ବଡ଼ ଆକାରରେ କାହିଁକି ତିଆରି କରାଯାଇଛି । କିଏ ଏହାକୁ ପିନ୍ଧିବ ଓ କିଏ ଏସବୁ ସହ ଖେଳିବ ? ତେବେ ପ୍ରକୃତ କଥା ହେଲା ଏହା ଅସଲି ସାଣ୍ଡେଲ ନୁହେଁ କି ଅସଲି ବଲ୍ ନୁହେଁ । ବରଂ ଏହା ହେଉଛି ଗୋଟେ ଗୋଟେ କାର୍ । ଆଉ ଏସବୁ ତିଆରି କରିଛନ୍ତି ହାଇଦ୍ରାବାଦର ସୁଧାକର କନ୍ୟାବୋୟିନା । ଆଉ ସେ ଏସବୁ କାର୍‌କୁ ନେଇ ଏକ ସଂଗ୍ରହାଳୟ ବି କରିଛନ୍ତି । ଯେଉଁଠି ଶହେରୁ ଊର୍ଦ୍ଧ୍ୱ ଅଜବ କାର୍ ଅଛି । ସୁଧାକରଙ୍କୁ ଗୋଟେ ଗୋଟେ କାର୍ ତିଆରି କରିବାକୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ । କିଛି କାର୍‌କୁ କରିବା ଲାଗି ତାଙ୍କୁ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ବି ଲାଗିଯାଏ । ତାଙ୍କର ଏହି ସଂଗ୍ରହାଳୟ ୨୪ ଘଣ୍ଟା ଖୋଲାଥାଏ । ସୁଧାକର ପ୍ରତିବର୍ଷ ଏକ କାର୍ ରାଲି ବି କରିଥାନ୍ତି, ଯେଉଁଥିରେ ସେ ନିଜର ଏହି ଅଜବ କାର୍‌ଗୁଡିକୁ ପ୍ରଦର୍ଶିତ କରନ୍ତି । ଏହି ରାଲିକୁ ସେ ଖାସ୍ କରି ପିଲାମାନେ ଦେଖିବା ଉଦ୍ଦେଶ୍ୟରେ କରିଥାନ୍ତି ।



# ଖସି ପଡ଼ିବ କି ଆଖିଡ଼ୋଳା !

ଆଖି କହେ ଅନେକ କଥା । ଏଇ ଆଖିରୁ ବି ପଢି ହୁଏ ମନର ଭାଷା । ସତରେ ଶରୀରରେ ଆଖିର ମହତ୍ୱ ଢେର ବେଶୀ । ତେବେ ଜଣେ ବ୍ୟକ୍ତିଙ୍କଠାରେ ଏଭଳି ଶକ୍ତି ଅଛି ଯେ, ସେ ନିଜର ଆଖି ଡ଼ୋଳାକୁ ବାହାର ପଟକୁ ଠେଲି ଏତେ ବଡ଼ ଆକାରର କରିପାରନ୍ତି ଯେ, ଲାଗେ ସତେ ଯେମିତି ଆଖିର ଡ଼ୋଳାଟି ଆଖିର କୋରଡରୁ ବାହାରିଯିବ । ବ୍ରାଜିଲର ଏହି ବ୍ୟକ୍ତିଙ୍କ ନାମ ହେଉଛି ସିଡ୍‌ନୀ ଡେ କାର୍ଭାଲୋ ମେସ୍କିଟା । ତେବେ ସେ ଟିଓ ଚିକୋ ନାମରେ ବେଶ୍ ପରିଚିତ । ସେ ନିଜର ଆଖି ଡ଼ୋଳାକୁ ଆଖିର କୋରଡରୁ ବାହାରକୁ ଠେଲି ପାରନ୍ତି । ଆଉ ଏତେ ବାହାରକୁ କାଢି ପାରନ୍ତି ଯେ, ଲାଗେ ସତେ ଯେମିତି ଆଖି ଡ଼ୋଳାଟି ଆଖିରୁ ଖସି ତଳେ ପଡ଼ିଯିବ । ସେ ଆଖି ଡ଼ୋଳାକୁ ଆଖି କୋରଡରୁ ୦.୭୧ ଇଞ୍ଚ ବାହାରକୁ ବାହାର କରିପାରନ୍ତି । ଏଭଳି କରିବାବେଳେ ସେ ଭୂତ ଭଳି ଦେଖା ଯାଆନ୍ତି । ଟିଓ ଚିକୋ ନିଜର ଏହି ଟ୍ୟାଲେଣ୍ଟ ସମ୍ପର୍କରେ ୯ ବର୍ଷ ବୟସର ହୋଇଥିବାବେଳେ ଜାଣିବାକୁ ପାଇଥିଲେ । ସାଙ୍ଗସାଥୀଙ୍କୁ ସେ ଏଭଳି କରି ଡ଼ରାଉଥିଲେ । ବାପାମା' କିନ୍ତୁ ପୁଅର ଏଭଳି କାମ ଦେଖି ଚିନ୍ତାରେ ପଡ଼ି ଯାଉଥିଲେ । ଭାବୁଥିଲେ ପୁଅର ନଶ୍ଚିତଭାବେ କିଛି ଅସାମାନ୍ୟ ରୋଗ ଅଛି । ହେଲେ ସେମିତି କିଛି ସମସ୍ୟା ନ ଥିଲା ଟିଓ ଚିକୋଙ୍କର । ପରେ ସେ ଇଲେକ୍ଟ୍ରୋନିକ୍ସ ଇଣ୍ଡଷ୍ଟ୍ରିରେ ସେଲ୍ସରେ କାମ କଲେ । ହେଲେ ଫ୍ରି ସମୟରେ ସେ ଏହିଭଳିଭାବେ ଆଖିଡୋଳା ବଡ଼ ବଡ଼ କରି ସମସ୍ତଙ୍କୁ ହସାନ୍ତି ଓ ଡ଼ରାନ୍ତି । ୨୦୨୩ରେ ସେ ସବୁଠୁ ଅଧିକ ଆଖି ଡ଼ୋଳା ବାହାର କରିପାରୁଥିବା ପୁରୁଷ ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ ।